ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
ମୂଲ୍ୟ : ୨.୦୦ ଟଙ୍କା ୮ ପୃଷ୍ଠା
8 Pages, ₹ 2.00

# ସମ୍ବାଦ କଳିକା
The Sambad Kalika



E-mail : sambadkalikanews@gmail.com



● ବର୍ଷ–୩୧ ● ସଂଖ୍ୟା–୩୦୮ ● ୭ ଡିସେମ୍ବର ୨୦୨୪, ଶନିବାର ● ଭୁବନେଶ୍ୱର ● Vol -31 ● Issue-308 ● 7th December 2024, Saturday ● Bhubaneswar | Licensed to post without pre-payment of postage No- BN-60/25-27


## ଓଡ଼ିଶା ସାର୍ବଜନୀନ ପରୀକ୍ଷା ବିଲ୍-୨୦୨୪ ପାରିତ

# ନିଯୁକ୍ତି ପରୀକ୍ଷାରେ ଗଫଲତି କଲେ ୧କୋଟି ଜରିମାନା



ଭୁବନେଶ୍ୱର, ୬/୧୨

ନ୍ୟୁଜ ବ୍ୟୁରୋ

ଶୁକ୍ରବାର ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାରୀ ଚାକିରୀ ପାଇଁ ହେଉଥିବା ପରୀକ୍ଷାରେ ସ୍ୱଚ୍ଛତା, ଉଚ୍ଚଶିକ୍ଷାରେ ନାମଲେଖା ବେଳେ ନିରପେକ୍ଷତା, ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରିବା ଉଦ୍ଦେଶ୍ୟରେ 'ଓଡ଼ିଶା ସାର୍ବଜନୀନ ପରୀକ୍ଷା (ଅନୁଚିତ ସାଧନର ନିବାରଣ) ବିଧେୟକ-୨୦୨୪ ଆଲୋଚନା ଓ ପାରିତ କରିବା ପାଇଁ ଗୃହରେ ଆଗତ କରିଥିଲେ । ଦୀର୍ଘ ସମୟ ଧରି ବିଲ୍ ଉପରେ ଆଲୋଚନା ପରେ ତାହା ପାରିତ ହୋଇଛି । ବିଲ୍‌ର ଆବଶ୍ୟକତାକୁ ନେଇ *(ପୃଷ୍ଠା ୭ରେ)*

## ରେପୋ ରେଟ୍ ଅପରିବର୍ତ୍ତିତ ରଖିଲା ଆରବିଆଇ



ମୁମ୍ବାଇ, ୬।୧୨

ରେପୋ ହାରକୁ ନେଇ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ଏଥର ମଧ୍ୟ ରେପୋ ରେଟ୍ କୌଣସି ପରିବର୍ତ୍ତନ କରାଯାଇ ନାହିଁ । ଅର୍ଥାତ ରେପୋ ରେଟ୍ ୬.୫୦ ପ୍ରତିଶତରେ ସ୍ଥିର ରହିଛି । ଲଗାତାର ଏକାଦଶ ଥର ଯାହା ରେପୋ ହାରରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ । ରିଜର୍ଭ ବ୍ୟାଙ୍କ ଗତ ଫେବୃଆରୀ *(ପୃଷ୍ଠା ୭ରେ)*

## ସୀମାରେ ତୁର୍କୀ ଡ୍ରୋନ୍ ମୁତୟନ କଲା ବାଂଲାଦେଶ: ହାଇ ଆଲର୍ଟରେ ଭାରତ

ନୂଆଦିଲ୍ଲୀ, ୬।୧୨

ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ଦେଶର ସେନା କ୍ଷମତାଚ୍ୟୁତ କରିବା ପରେ ଭାରତ ସହିତ ବାଂଲାଦେଶର ସମ୍ପର୍କ ଖରାପ ହୋଇଛି । ବାଂଲାଦେଶରେ ଅଳ୍ପସଂଖ୍ୟକ ହିନ୍ଦୁଙ୍କ ଉପରେ ଅତ୍ୟାଚାର ବୃଦ୍ଧି ପାଇଛି ଏବଂ ଭାରତ ପ୍ରତି ବାଂଲାଦେଶ ଲୋକମାନଙ୍କର ଆକ୍ରୋଶମୂଳକ ବ୍ୟବହାର ସହିତ ଅନେକ ହିଂସାତ୍ମକ ମନ୍ତବ୍ୟ ମଧ୍ୟ ଦେଖିବାକୁ ମିଳିଛି । ଏହାରି ମଧ୍ୟରେ ପଡୋଶୀ ବାଂଲାଦେଶ ପଶ୍ଚିମବଙ୍ଗ ସୀମା ନିକଟରେ ତୁର୍କୀ ନିର୍ମିତ ଡ୍ରୋନ୍ ମୁତୟନ କରି ସର୍ଭିଲାନ୍ସ ଜୋରଦାର କରିଛି ବୋଲି ସୂତ୍ରରୁ ଖବର ପ୍ରକାଶ ପାଇଛି । ଶେଖ ହସିନାଙ୍କ ଆୱାମୀ ଲିଗ୍ ସରକାରଙ୍କ ପତନ ପରେ ସୀମାନ୍ତ ଅଞ୍ଚଳରେ ଆତଙ୍କବାଦୀ କାର୍ଯ୍ୟକଳାପର ବୃଦ୍ଧି ପାଉଥିବା ଗୋଇନ୍ଦା ସୂଚନା ମିଳିବା ପରେ ଏହି ଅଗ୍ରଗତି ଘଟିଛି ।

ସୂତ୍ରରୁ ପ୍ରକାଶ ଯେ ଭାରତ ସୀମା ନିକଟରେ ବାଇରାକ୍ଟର ଟିବି୨ ମାନବ ବିହୀନ ବିମାନ ଯାନ (ୟୁଏଭି) ନିୟୋଜନ ସମ୍ପର୍କରେ ସେନା ରିପୋର୍ଟ ଯାଞ୍ଚ କରୁଛି । ଗୋଇନ୍ଦା, ସର୍ଭିଲାନ୍ସ ଏବଂ ଅନୁସନ୍ଧାନ ମିଶନ ପାଇଁ ଏହି ଡ୍ରୋନଗୁଡିକ ବାଂଲାଦେଶର ସେନା ଦ୍ୱାରା ପରିଚାଳନା କରାଯାଉଛି । ବାଂଲାଦେଶ ଏହି ନିୟୋଜନ ପ୍ରତିରକ୍ଷା ଉଦ୍ଦେଶ୍ୟରେ ଦାବି କରୁଥିବାବେଳେ ଏଭଳି ଆଡ଼ଭାନ୍ସ ଡ୍ରୋନ୍ ଗୁଡିକ ଏଭଳି ସମ୍ବେଦନଶୀଳ ଅଞ୍ଚଳରେ ମୁତୟନ କରିବାର ରଣନୀତିକ ଉଦ୍ଦେଶ୍ୟକୁ ଭାରତ ଅଣଦେଖା କରିବ ନାହିଁ ।

ଗୋଇନ୍ଦା ସୂଚନା ଅନୁଯାୟୀ ହାସିନାଙ୍କ କାର୍ଯ୍ୟକାଳ ମଧ୍ୟରେ ଦୁର୍ବଳ ହୋଇଯାଇଥିବା ଉଗ୍ରବାଦୀ ଶକ୍ତିମାନେ ଭାରତୀୟ ସୀମା ନିକଟବର୍ତ୍ତୀ ଅଞ୍ଚଳରେ ପୁନର୍ବାର ଶକ୍ତି ଜୁଟାଇଲେଣି । ଇନପୁଟରେ ଉଲ୍ଲେଖ କରାଯାଇଛି ଯେ ଆତଙ୍କବାଦୀ ଗୋଷ୍ଠୀ ଏବଂ ଚୋରା ଚାଲାଣ ନେଟୱାର୍କ ବାଂଲାଦେଶରେ ରାଜନୈତିକ ଅସ୍ଥିରତାକୁ ଭାରତରେ ଅନୁପ୍ରବେଶ କରାଉଛନ୍ତି ।

ଚଳିତ ବର୍ଷ ପ୍ରାରମ୍ଭରେ ବାଂଲାଦେଶ ପାଇଥିବା ବାଇରାକ୍ଟର ଟିବି ୨ ଡ୍ରୋନ୍ ଏହାର ତଦାରଖ ଏବଂ ହାଲୁକା ଷ୍ଟ୍ରାଇକ୍ ଅପରେସନ୍ କରିବାର କ୍ଷମତା ବଢ଼ିଛି । ବାଂଲାଦେଶର ଡିଫେନ୍ସ ଟେକ୍ନୋଲୋଜି (ଡିଟିବି) ଅନୁଯାୟୀ, ମୁତୟନ ହୋଇଥିବା ୧୨ ଟି ଡ୍ରୋନ ମଧ୍ୟରୁ ୬ ଟି କାର୍ଯ୍ୟକ୍ଷମ କରାଯାଇଛି । ବାଂଲାଦେଶରେ ଜାରି *(ପୃଷ୍ଠା ୭ରେ)*











# ସମୃଦ୍ଧ ଓଡ଼ିଶା ପାଇଁ ଏକ ନୂତନ ଯୁଗର ଅଭ୍ୟୁଦୟ

## ଟ.୬୪୦୦ କୋଟିରୁ ଅଧିକ ମୂଲ୍ୟ ବିକାଶମୂଳକ ପ୍ରକଳ୍ପର

### ଭିତ୍ତିପ୍ରସ୍ତର ସ୍ଥାପନ

### ୩ଗୋଟି ନୂତନ ରେଳ ଲାଇନର

- ବାଙ୍ଗିରିପୋଷି-ଗୋରୁମହିଷାଣୀ
- ବୁଢ଼ାମରା-ଚାକୁଲିଆ
- ବାଦାମପାହାଡ଼-କେନ୍ଦୁଝରଗଡ଼

ଏବଂ

- ଜନଜାତି ଗବେଷଣା ଏବଂ ବିକାଶ କେନ୍ଦ୍ର ରାଇରଙ୍ଗପୁର
- ଦଣ୍ଡାବୋଷ ବିମାନବନ୍ଦର ରାଇରଙ୍ଗପୁର
- ଉପମଣ୍ଡଳୀୟ ଚିକିତ୍ସାଳୟ ରାଇରଙ୍ଗପୁର

(ଭିଡିଓ କନ୍‌ଫରେନ୍ସିଂ ଜରିଆରେ)

କରିବେ

## ଶ୍ରୀମତୀ ଦ୍ରୌପଦୀ ମୁର୍ମୁ

ଭାରତର ମହାମହିମ ରାଷ୍ଟ୍ରପତି

୦୭ ଡିସେମ୍ବର, ୨୦୨୪ | ବାଙ୍ଗିରିପୋଷି, ଓଡ଼ିଶା

### ସୁବିଧାସମୂହ

**ନୂତନ ରେଳ ଲାଇନ୍ ସମୂହ**
- ଅଞ୍ଚଳର ବିକାଶ ସହିତ ଅଧିକ ନିଯୁକ୍ତି ସୁବିଧା
- ଓଡ଼ିଶାର ମୟୂରଭଞ୍ଜ ଏବଂ କେନ୍ଦୁଝରଗଡ଼ ଜିଲ୍ଲା ମଧ୍ୟରେ ସଂଯୋଗୀକରଣକୁ ପ୍ରୋତ୍ସାହନ
- ଖଣିଜ ଦ୍ରବ୍ୟ ସମୃଦ୍ଧ ଅଞ୍ଚଳରୁ କଞ୍ଚାମାଲର ସୁଗମ ପରିବହନ

**ଦଣ୍ଡବୋଷ ବିମାନ ବନ୍ଦର**
- ଭାରତ ସରକାରଙ୍କ 'ଉଡ଼େ ଦେଶ କା ନାଗରିକ' (ୟୁଡିଏଏନ୍) ଯୋଜନା ଦ୍ୱାରା ସ୍ଥାନୀୟ ଆକାଶପଥର ସଂଯୋଗୀକରଣ କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ
- ଅର୍ଥନୀତି ଏବଂ ପର୍ଯ୍ୟଟନ କ୍ଷେତ୍ରକୁ ଅଗ୍ରାଧିକାର

**ଆଦିବାସୀ ଗବେଷଣା ଓ ବିକାଶ କେନ୍ଦ୍ର**
- ଆଦିବାସୀ ଜୀବନଶୈଳୀ, ବ୍ୟବହାର, ଜୀବନ ଓ ଜୀବିକା, ଐତିହ୍ୟ ଏବଂ ସଂସ୍କୃତି ଆଦି ସମସ୍ତ କ୍ଷେତ୍ରରେ ଗବେଷଣା ଅଧ୍ୟୟନକୁ ଶାଣିତ, ମାନସମନ୍ଥନ ଏବଂ ବିଚାରବିମର୍ଶକୁ ପ୍ରୋତ୍ସାହନ
- ବୈଷୟିକ ଜ୍ଞାନକୌଶଳ ଏବଂ ଆର୍ଥିକ କାର୍ଯ୍ୟକଳାପ କ୍ଷେତ୍ରରେ ଏକ ଦକ୍ଷତା ପ୍ରଶିକ୍ଷଣ ଏବଂ ଉଦ୍ୟୋଗୀ ବିକାଶ ହବ୍ ଭାବେ କାର୍ଯ୍ୟ କରିବ

**ଉପମଣ୍ଡଳୀୟ ଚିକିତ୍ସାଳୟ**
- ସ୍ୱାସ୍ଥ୍ୟସେବାର ପରିସରକୁ ବୃଦ୍ଧି
- ଅତ୍ୟାଧୁନିକ ଏବଂ ବିକଶିତ ସ୍ୱାସ୍ଥ୍ୟସେବା ସୁବିଧାରେ ସୁଧାର

### ସଦୟ ଉପସ୍ଥିତି

**ରଘୁବର ଦାସ**
ରାଜ୍ୟପାଳ, ଓଡ଼ିଶା

**ମୋହନ ଚରଣ ମାଝୀ**
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଅଶ୍ୱିନୀ ବୈଷ୍ଣବ**
ରେଳ, ସୂଚନା ଏବଂ ପ୍ରସାରଣ, ଇଲେକ୍ଟ୍ରୋନିକ୍ ତଥା ସୂଚନା ପ୍ରଯୁକ୍ତି ବିଦ୍ୟା କେନ୍ଦ୍ର ମନ୍ତ୍ରୀ

**ଜୁଏଲ ଓରାମ୍**
କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ

**ଡ.କୃଷ୍ଣ ଚନ୍ଦ୍ର ମହାପାତ୍ର**
ଗୃହ ଏବଂ ସହରୀ ବିକାଶ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ, ଓଡ଼ିଶା ସରକାର

**ଗଣେଶ ରାମ ସିଂଖୁଣ୍ଟିଆ**
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ରାଷ୍ଟ୍ର ମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ), ଓଡ଼ିଶା ସରକାର

**ମମତା ମହାନ୍ତ**
ସାଂସଦ, ରାଜ୍ୟ ସଭା

**ନବ ଚରଣ ମାଝୀ**
ସାଂସଦ, ଲୋକ ସଭା

**ସଞ୍ଜଲି ମୁର୍ମୁ**
ବିଧାୟକ, ବାଙ୍ଗିରିପୋଷି





କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ DD NEWS ରେ

ଆମକୁ ଅନୁସରଣ କରନ୍ତୁ: /RailMinIndia

30 YEARS ସମ୍ବାଦ କଳିକା

# ପେନ୍‌ସନରେ ଅଧିକ ଖର୍ଚ୍ଚ

କେନ୍ଦ୍ର ସରକାର ଏବଂ ତିନିଟି ରାଜ୍ୟ କର୍ମଚାରୀମାନଙ୍କ ବେତନ ଓ ପାଉଣାରେ ଯେତିକି ଟଙ୍କା ଖର୍ଚ୍ଚ କରୁନାହାନ୍ତି, ତାଠାରୁ ଅଧିକ ଟଙ୍କା ପେନସନ ପାଇଁ ବ୍ୟୟ କରୁଛନ୍ତି ସିଏଜି ରିପୋର୍ଟରୁ ଏହା ଜଣାପଡିଛି । ଗୁଜୁରାଟ, କର୍ଣ୍ଣାଟକ ଓ ପଶ୍ଚିମବଙ୍ଗରେ ଦରମାଠୁ ପେନସନ ଖର୍ଚ୍ଚ ଅଧିକ ରହିଛି । ସିଏଜି ରିପୋର୍ଟ ଅନୁସାରେ, ୨୦୧୯-୨୦ ଆର୍ଥିକ ବର୍ଷରେ କେନ୍ଦ୍ରଙ୍କ ମୋଟ ବ୍ୟୟ ୯.୭୮ ଲକ୍ଷ କୋଟି ଟଙ୍କା ଥିଲା । ସେଥିରୁ ବେତନ ଓ ପାଉଣା ବାବଦରେ ୧.୩୯ ଲକ୍ଷ ଟଙ୍କା ଏବଂ ୧.୮୩ ଲକ୍ଷ କୋଟି ଟଙ୍କା ପେନସନ ଦେବାରେ ଖର୍ଚ୍ଚ ହୋଇଥିଲା । ଋଣ ପରିଶୋଧ ଓ ସୁଧ ପ୍ରଦାନରେ ସରକାର ୬.୫୫ ଲକ୍ଷ କୋଟି ଟଙ୍କା ବ୍ୟୟ କରିଥିଲେ । କେନ୍ଦ୍ର ସରକାରଙ୍କ ମୋଟ ଖର୍ଚ୍ଚରେ ପେନ୍‌ସନର ଭାଗ ୧୯ ପ୍ରତିଶତ ଓ ଦରମା ଭାଗ ୧୪ ପ୍ରତିଶତ ରହିଥିଲା । ୨୦୧୯-୨୦ରେ ଗୁଜୁରାଟ ୧୭,୬୩୩ କୋଟି ଟଙ୍କା ପେନ୍‌ସନରେ ଖର୍ଚ୍ଚ କରିଥିବା ବେଳେ ବେତନ ପାଇଁ ୧୧,୧୨୬ କୋଟି ଟଙ୍କା ବ୍ୟୟ କରିଥିଲା । ସେହିପରି କର୍ଣ୍ଣାଟକ ପକ୍ଷରୁ ପେନ୍‌ସନରେ ୧୮,୪୦୪ କୋଟି ଟଙ୍କା ଏବଂ ବେତନରେ ୧୪,୫୭୩ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା । ପଶ୍ଚିମବଙ୍ଗର ପେନସନ ଖର୍ଚ୍ଚ ୧୭,୪୬୨ କୋଟି ଟଙ୍କା ଏବଂ ବେତନ ଖର୍ଚ୍ଚ ୧୬,୯୧୫ କୋଟି ଟଙ୍କା ଥିଲା । ଓଡ଼ିଶା ସମେତ ଉତ୍ତରପ୍ରଦେଶ, ବିହାର, ମହାରାଷ୍ଟ୍ର ଓ ତାମିଲନାଡୁରେ ବେତନ ଖର୍ଚ୍ଚର ଦୁଇ ତୃତୀୟାଂଶ ହେଉଛି ପେନସନ ଖର୍ଚ୍ଚ । ଗୁଜରାଟ ଓ ହିମାଚଳପ୍ରଦେଶ ନିର୍ବାଚନରେ ପୁରୁଣା ପେନସନ ସ୍କିମ ଏକ ପ୍ରମୁଖ ନିର୍ବାଚନ ପ୍ରତିଶ୍ରୁତି ଭାବେ ଉଭା ହୋଇଥିଲା । ଭୋଟ ହାତେଇବା ଲାଗି କିଛି ରାଜ୍ୟ ପୁରୁଣା ପେନସନ ସ୍କିମ୍‌କୁ ପୁଣି ଥରେ ଲାଗୁ କରିବା ବିଷୟରେ ବିଚାର କରୁଛନ୍ତି । କଂଗ୍ରେସ ଶାସିତ ରାଜସ୍ଥାନ ଓ ଛତିଶଗଡ଼ ସରକାର ଏହି ସ୍କିମ୍‌କୁ ପୁନର୍ବାର ଲାଗୁ କରିବାକୁ ନିଷ୍ପତ୍ତି ନେଇଛନ୍ତି । ବେତନ, ପେନ୍‌ସନ, ଋଣ ପରିଶୋଧ ଓ ସୁଧ ଆଦିରେ ହେଉଥିବା ଖର୍ଚ୍ଚକୁ ପ୍ରତିବଦ୍ଧ ଖର୍ଚ୍ଚ କୁହାଯାଉଛି । ଏଥିରେ ଅଧିକ ଖର୍ଚ୍ଚ ହେଲେ ଭିତ୍ତିଭୂମି ଓ ଅନ୍ୟାନ୍ୟ ବିକାଶମୂଳକ ସ୍କିମ ବା ପ୍ରକଳ୍ପରେ ଖର୍ଚ୍ଚ ବଢାଇବା ଲାଗି ସରକାରଙ୍କ ପାଖରେ ସୁଯୋଗ ରହେନାହିଁ ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

### ଅନନ୍ତ ଚିନ୍ତନ

ନକାରା ସକାରମ୍‌ରେ
ଶରୀର ଟି ସାର
ନବମ ଦଶମ ପୁରେ
ଶକ୍ତୀର ସମ୍ଭାର
ନବଖଣ୍ଡ...ମା ହେଲା ସାର (୩୪)

ନବ ପୁର ଟିପଲେ ରେ
ଦଶମର ଦ୍ୱାର
ନବଧା ଭକ୍ତି ତତ୍ତ୍ୱରେ
ଭେଦିବୁ ସେ ପୁର
ନବଖଣ୍ଡ...ମା ହେଲା ସାର (୩୫)

ନ ଦ୍ୱାରେ ଷଡ ଚକ୍ରରେ
କି ବୀଜର ଠାର
ନଚିହ୍ନି ତୋର ଶରୀରେ
କେଉଁ ପୂଜା କର
ନବଖଣ୍ଡ...ମା ହେଲା ସାର (୩୬)
(କ୍ରମଶଃ)

# ବଧୂ ବିଦେଶିନୀ ୬

## କଳିଙ୍ଗ ଓ ଯବଦେଶ (ଜାଭା) ବିଷୟକ ଏକ ଇତିହାସ ଓ କଳ୍ପନା ମିଶ୍ରିତ ଉପନ୍ୟାସ

## ୧୫ ଉଲ୍ଲସିତା ସୁହାସିନୀ ଓ ମୁଁ



ଦୁର୍ଗାଚରଣ ସାହୁ
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

(ପୂର୍ବ ପ୍ରକାଶିତ ଉତ୍ତାରୁ)

ମୁଁ (ରାଜନନ୍ଦିନୀ କଲ୍ଲୋଳିନୀ) 'ସୁହାସୀ', ଅନ୍ୟ ବାନ୍ଧବୀମାନଙ୍କ ସହ ପ୍ରାସାଦ ପରିସରରେ ଖେଳୁଥିଲୁ। ହଠାତ୍ ଜଣେ ରକ୍ଷୀ ଆସି କହିଲା, 'ରାଜକୁମାରୀ, ତୁମ୍ଭ ପିଯୂସୀ ମହାରାଣୀ ତୁମ୍ଭ କକ୍ଷକୁ ଯାଉଛନ୍ତି। ତାଙ୍କ ଆଦେଶ ମତେ ତୁମ୍ଭେ ଶୀଘ୍ର ସେଠାକୁ ଯିବା ହୁଅ'। ମନରେ ସଂଶୟ ହେଲା ଯେ ପିଯୂସୀ କାହିଁକି ଆସିଲେ। କିନ୍ତୁ ପିଯୂସୀ ମୋତେ ଏତେ ଭଲ ପଆନ୍ତି ଯେ ଭଲ ବା ମନ୍ଦ ହେଉ ସେ ହିଁ ସମ୍ଭାଳିବେ ବୋଲି ଭାବି ଶୀଘ୍ର ଗତିରେ ଯାଇ ମୋ କକ୍ଷରେ ପହଞ୍ଚିଲି। ସେତେବେଳେକୁ ପିଯୂସୀ ବସିଥିଲେ। ତାଙ୍କୁ ପ୍ରଣାମ କରି କହିଲି, "ପିଯୂସୀ ମା, ତମେ କାହିଁକି ଏଠାକୁ ଆସିଲ ? ମୋତେ ଡକାଇ ଦେଇଥାନ୍ତ।" ପିଯୂସୀ ହସି କହିଲେ, "ମୋର କଲ୍ଲୋଳା କକ୍ଷକୁ ଆସିବା କ'ଣ ନୂଆ କଥା। ଛାଡେ ସେ କଥା । ମୁଁ ଏଠାକୁ ଅତିଶୀଘ୍ର ଆସିଯାଇଛି ତୋତେ ଏକ ହର୍ଷପ୍ରଦ ସମ୍ବାଦ ଦେବାପାଇଁ।" ଏହା କହି ନିରବ ରହିଲେ। ମୁଁ ଅଝଟ କରି ବୋଲିଲି। "ତ୍ୱରିତ କହ ମାଁ ଏତେ ଉତ୍କଣ୍ଠା ମନରେ ସୃଷ୍ଟି କରୁଛ କାହିଁକି ?

"ସମ୍ଭାଳେ ତୁ । ତୋ' ପାଇଁ ସୁଖ ସମ୍ବାଦ ହୋଇପାରେ, କିନ୍ତୁ ମୋ ପାଇଁ ତୋ'ଠାରୁ ବିଚ୍ଛେଦ ହେବାର ଦୁଃଖ।'' କହି ସେ ମୌନ ରହିଲେ। ମୋ ମନରେ ଅନେକ ପ୍ରଶ୍ନ ଚିହ୍ନ ଉଙ୍କି ମାରିଲା। ମୋତେ ବିବାହ କରାଇ ଦେଉନାହାଁନ୍ତି ତ ? ମୋ ମୁଖମଣ୍ଡଳରେ ଚିନ୍ତାର ଚିହ୍ନ ଦେଖି ପିଯୂସୀ କହିଚାଲିଲେ, "ଆରେ ନାହିଁରେ, ତୋ ମନରେ ଏହା ବିବାହ ଖବର ଆସୁଛି ବୋଲି ମୋର ମନରେ ଆସିଯାଉଛି। ନା, ତା' ନୁହେଁ।" ମୁଁ ଅଝଟ କରି ପଚାରିଲି, "କହ ଶୀଘ୍ର ସେ କଥାଟି କ'ଣ ?" ସେ ସ୍ମିତହସ ମୁଖରେ କହିଲେ, "ମୁଁ ବର୍ତ୍ତମାନର କିଛି ପୂର୍ବରୁ ତୋ' ବଡ଼ବାପାଙ୍କ ପାଖକୁ ଯାଇଥିଲି। ତୋତେ ଉଚ୍ଚ ଶିକ୍ଷା ପାଇଁ ବିଦେଶ ପ୍ରେରଣ କରିବା ନିମିତ୍ତ ପ୍ରସ୍ତାବ ଦେବାରେ ସେ ପରାମର୍ଶ ନେବାପାଇଁ ଆଚାର୍ଯ୍ୟ ଆର୍ଯ୍ୟଦତ୍ତ, ତୋ' ବାପା ଓ ମୁଖ୍ୟ ଅମାତ୍ୟଙ୍କୁ ଡକାଇ ପଠାଇଲେ। ଚର୍ଚ୍ଚା ହେବା ପରେ ନିଷ୍ପତ୍ତି ନିଆଗଲା ଯେ ତୁ କଳିଂଗର ପୁଷ୍ପଗିରି ବିଶ୍ୱବିଦ୍ୟାପୀଠକୁ ଶିକ୍ଷା ଗ୍ରହଣପାଇଁ ଯିବୁ। ସମସ୍ତ ବ୍ୟବସ୍ଥାର ଦାୟିତ୍ୱ ଆଚାର୍ଯ୍ୟ ଓ ମୁଖ୍ୟ ଅମାତ୍ୟଙ୍କୁ ଦିଆଯାଇଛି। ତେଣୁ ତୁ ଏକ-ଦୁଇ ମାସ ମଧ୍ୟରେ ଆମ ପୂର୍ବଜଙ୍କ ଦେଶ କଂଳିଙ୍ଗକୁ ଯାଉଛୁ।'

ଏସବୁ ଶୁଣି ମୋ ହାତରେ ସରଗ ଶଶୀ ଖସି ପଡିଲା ପରି ଲାଗିଲା। ମୋ ମନରେ କଳିଂଗ ଭ୍ରମଣର ଚିତ୍ର ଘୁରିବୁଲିଲା। ମନ ହେଉଥିଲା ଯେ ମୁଁ ସ୍ୱର୍ଗ ରାଜ୍ୟରେ ବିଚରଣ କରୁଛି। ପୁନଃ ମାନସ ପଟରେ ଆସିଗଲା ମୁଁ ବୌଦ୍ଧ ଭିକ୍ଷୁଣୀଙ୍କ ଗୈରିକ ବେଶ ପରିଧାନ କରି କିପରି ମହାପଣ୍ଡିତା ରୂପରେ ବିଦ୍ୟାଦାନ କରୁଛି। ମୋତେ ଦେଖି ନାନୀମା' କହିଲେ, ''ରେ କଲ୍ଲୋଳା, ପ୍ରକୃତିସ୍ଥ ହୁଅ। ତୋ'ର ସ୍ୱପ୍ନ ସାକାର ହେବ। ତୁ ସ୍ୱପ୍ନ ଦେଖେନି, ତାହା କିପରି କରଗତ ହେବ, ସେଥିପାଇଁ କାର୍ଯ୍ୟ କରେ।"

ମୁଁ ପ୍ରକୃତିସ୍ଥ ହୋଇ ଡେଇଁ କରି ତାଳିମାରି ଆନଂଦ ପ୍ରକାଶ କଲି। ହଠାତ୍ ଯାଇ ନାନୀଙ୍କର ପାଦ ଛୁଇଁ ନତମସ୍ତକ ହୋଇ ଆଶୀର୍ବାଦ ଭିକ୍ଷାକଲି। ସେ ମୋ ମୁଣ୍ଡରେ ହାତରଖି କହିଲେ, "ମହାପଣ୍ଡିତା ଭବ। ବଂଶର ନାମ ଉଜ୍ଜଳ କରେ।" ତା'ପରେ ମୁଁ ଉଠି ମଧ୍ୟ ସିଧା ଯାଇ ନାନୀଙ୍କ କୋଳରେ ନଥିକରି ବସିଗଲି ଓ ତଡିତ୍ ବେଗରେ ତାଙ୍କ ଗାଲକୁ ଚିପିଦେଇ କହିଲି, ''ମୋ ନାନୀମା' କେତେ ଭଲ।" ଶୁଣି ପିଯୁସୀ ମୋତେ କୁଣ୍ଡାଇ କରି କହିଲେ, "ତୁ ତୋର ପିଲାଳିଆ ବୁଦ୍ଧି ଛାଡିଲୁନି, ଏତେ ବଡ ବିଦୁଷୀ ହେବୁ ଯେ ମୋତେ ତୋ' ଆଗରେ ମୁଣ୍ଡ ନୁଆଁଇବାକୁ ହେବ।" କଥା ବଦଳାଇ ପୁଣି ପଚାରିଲେ, "କହିଲୁ ଦେଖି ତୁ ସେଠି ଏକୁଟିଆ ମନେ କରିବୁନି ତ ? ଲକ୍ଷ୍ୟ ରଖି ଧୈର୍ଯ୍ୟ ଧରେ। ସେସବୁ ଦୂର ହୋଇଯିବ ।"

"ମୁଁ ସଦାବେଳେ ତୁମ ଆଗରେ ଏକ କ୍ଷୁଦ୍ର ବାଳିକା। ଯେତେ ବିଦୁଷୀ ହେଲେ ବି ମୁଁ ତୁମର ସେହି ଅଲିଅଳୀ କନ୍ୟା ହୋଇ ରହିବି ।" ମୋ କଥା ଶୁଣି ସେ ହସିଲେ ଓ ପଚାରିଲେ "ଯଦି ପୁଷ୍ପଗିରିରେ ତୋପାଇଁ କୌଣସି ବାଂଧବୀର ବ୍ୟବସ୍ଥା କରିଦିଏ, ତୁ ଆନଂଦିତ ହେବୁ ତ ?" କହିଲି, "ଏହା କ'ଣ ସମ୍ଭବ ?"। "ଅସମ୍ଭବକୁ ମୁଁ ସମ୍ଭବ କରି ସାରିଛି" ବୋଲି ସେ ଜଣାଇ ମୋର ହାବଭାବ ନିରୀକ୍ଷଣ କଲେ। ମୁଁ ନିରବ ରହିଲି। ପରେ ମୌନ ଭାଂଗି କହିଲେ, "ସତରେ ମୁଁ ତାହା କରିସାରିଛି।" ଉତ୍ସୁକ ମନରେ ବ୍ୟଗ୍ରତା ପ୍ରକାଶ କରି କହିଲି, "କ'ଣ ଲୁଚାଉଛ, କହିଦିଅ ମୋତେ।" ସେ ଗମ୍ଭୀର ଚିତ୍ତରେ ଜଣାଇଲେ, "କଲ୍ଲୋଳା, ତୋ ସାଥିରେ ତୋ' ଶ୍ରେଷ୍ଠ ବାଂଧବୀ ସୁହାସିନୀ ବିଦ୍ୟା ଆହରଣ ପାଇଁ ଯିବ।" ଶୁଣି ଆଚମ୍ବିତ ହେଲି ଓ ପରେ ପରେ ତାଳିମାରି ହର୍ଷ ପ୍ରକାଶପୂର୍ବକ ନାନୀମା'ଙ୍କର ଗାଲରେ ଏକ ଶକ୍ତ ଚୁମ୍ବଦାନ କଲି ।

ପିଯୂସୀ ହସି କହିଲେ, "ପୁଣି ସେ ଦୁଷ୍ଟାମି। ଏ ସବୁ ସମାପ୍ତ କର।" କହି ମୋତେ କୋଳାଗ୍ରତ କଲେ। ଅନ୍ୟ କାର୍ଯ୍ୟ ଅଛି କହି ଆନଂଦିତ ହୋଇ ପ୍ରସ୍ଥାନ କଲେ। ସେ ଗଲାପରେ ମୋର ହର୍ଷୋଲ୍ଲାସ ନ ସରେ। ଅବିଳମ୍ବେ ମୃଗୁଣୀ ଗତିରେ ସୁହାସୀର ଗୃହ ଆଡକୁ ଅଗ୍ରସର ହେଲି। କିନ୍ତୁ ପଥରେ ମନକୁ ଏକ ନଟଖଟି ବୃଦ୍ଧି ଆସିଗଲା। ତେଣୁ ନିଜ ମୁଖମଣ୍ଡଳରେ ଦୁଃଖର ଛାୟା ଭରି ଦେଇ ମନ୍ଥର ଗତିରେ ତା'ଘରେ ପହଞ୍ଚିଗଲି।

ମୋତେ ଦେଖି ସୁହାସୀ କହିଲା, "କଲ୍ଲୋଳା, ତୋ ମନଦୁଃଖ କାହିଁକି ? ନାନୀମା' କିଛି କହିଲେ କି ?" ମୁଁ ମୁହଁ ଶୁଖାଇ ରହିଲାରୁ ପୁଣି ସେ ସେହି ପ୍ରଶ୍ନକଲା। ମୁଁ କହିଲି, "ନା ରେ ସୁହାସୀ, କିଛି ଦୁଃଖ ନାହିଁ। କିନ୍ତୁ ଯାହା ଦୁଃଖ ଅଛି ତାହା ହେଲା ତୁମ ସମସ୍ତଙ୍କୁ ପରିତ୍ୟାଗ କରି ଚାଲିଯାଉଛି।" କ'ଣ ନାନୀମା' ତୋ'ର ବିବାହ ପ୍ରସ୍ତାବ ନେଇ ଆସିଥିଲେ। ଯଦି ସତ୍ୟ, ତେବେ ଭଲ କଥା, ଦୁଃଖ କାହିଁପାଇଁ ? ସେ ଅନୁମାନକରି ଏପରି କହିଲା। ଶୁଣି ମୁଁ କହିଲି, "ସେ କିଛି ନୁହେଁ । ନାନୀ ମା' ମୋତେ କହିଲେ ଯେ' ପୁଷ୍ପଗିରି ବିଶ୍ୱବିଦ୍ୟାପୀଠରେ ଉଚ୍ଚ ଶିକ୍ଷା ପାଇଁ ମୋତେ ୬ବର୍ଷ କଳିଂଗ ଯିବାକୁ ହେବ। ତେଣୁ ତୋତେ ସମସ୍ତଙ୍କୁ ଛାଡି କିପରି ସେଠାରେ ରହିବି ?"

ସୁହାସୀ ଏଥିରେ ଆନନ୍ଦିତ ହୋଇ ନାଚିଉଠିଲା ଓ ଅଭିନନ୍ଦନଦେବା ପୂର୍ବକ ମୋତେ ବଳ ଓ ସାହସ ଦେଇ ଅନେକ କିଛି ଗପିଚାଲିଲା। ମୁଁ କହିଲି, " ମୁଁ ପ୍ରତ୍ୟାବର୍ତ୍ତନ କଲାବେଳକୁ ତୁ ତ କେଉଁ ରାଜକୁମାର ହାତଧରି ସାରିଥିବୁ। ମୁଁ କାହାସହ ସୁଖଦୁଃଖ ହେବି ?" ଶୁଣି ସେ ଅନେକ ଉପଦେଶର ବନ୍ୟା ମୋ ଉପରକୁ ପ୍ଲାବିତ କରି ଚାଲିଲା। ମୁଁ ତାକୁ ସ୍ନେହ-ବିରକ୍ତି ଭରା ସ୍ୱରରେ କହିଲି, "ଏ ସବୁରଖେ। ମୋତେ କହିଲୁ ଦେଖି, ଯଦି ମୋ ବଳକୌଶଳ ବିନିଯୋଗ କରି ମୋ' ସହ ପଠନ ପାଇଁ ତୋତେ ପୁଷ୍ପଗିରି ନେଇଯିବି, ତୁ ଆନଂଦ ହେବୁ ତ ?"

" ଏ କ'ଣ କହୁଛୁ କଲ୍ଲୋଳା ? ପରିହାସ କରୁଛୁ କାହିଁକି ? ତୁ ଯାହା ଭାବି ପାରିନଥିଲୁ ତାହା ତୋ ଭାଗ୍ୟବଳରେ ହୋଇଗଲା ? ଏ କ'ଣ ମୋପାଇଁ ସମ୍ଭବ ? ଗୁରୁଜନମାନଙ୍କ ନିଷ୍ପତ୍ତି ମୋ'ପାଇଁ ଶ୍ରେୟସ୍କର ଅଟେ।" ମୁଁ ତତ୍‌କ୍ଷଣାତ୍ କୁଦିପଡି କହିଚାଲିଲି, "ରେ ମୂର୍ଖ, ଯେତେବେଳେ ଭାଗ୍ୟ ଆସେ ନା, ସାଥୀ ପରିଜନମାନଙ୍କୁ ସାଂଗରେ ଆଣିଥାଏ। ଏହା ଆମ୍ଭ ଦୁଇଜଣଙ୍କ ଭାଗ୍ୟରେ ହୋଇସାରିଛି। ପିଯୂସୀ ନାନୀ ଆମ ଦୁହିଁଙ୍କ ନାମ ଉଠାଇ ସମସ୍ତଙ୍କ ସହମତିରେ ଅନୁମୋଦନ କରାଇଛନ୍ତି। ସମସ୍ତ ବ୍ୟୟ ରାଜ୍ୟ ଶାସନ ବହନ କରିବ। ବଡ଼ବାପା ମଧ୍ୟ ଆନଂଦମନରେ ସମସ୍ତ ବ୍ୟବସ୍ଥା ଆଚାର୍ଯ୍ୟ ଆର୍ଯ୍ୟଦତ୍ତ ଓ ମୁଖ୍ୟ ଅମାତ୍ୟଙ୍କୁ ଦେଇସାରିଛନ୍ତି।" ସୁହାସୀ ଆଚମ୍ବିତ ହୋଇ ପ୍ରକାଶ କଲା, "ସତ କହୁଛୁ ତୁ ସଖୀ। ଏ ଅସମ୍ଭବ ସମ୍ଭବ ହୋଇଛି। ସେଥିପାଇଁ ମୁଁ ତୋ'ପାଖରେ ଋଣୀ ହୋଇଗଲି।" "କହନା ଏପରି, ଚାଲେ ସମସ୍ତଙ୍କ ଆଶୀର୍ବାଦ ନେବା" କହି ପଛକୁ ଚାହିଁ ଦେଖିଲି ଯେ ସଖୀର ପିତାମାତା ଆମ ପଛରେ ରହି ସବୁ ଶୁଣୁଛନ୍ତି।

ସେନାପତି ବୀରସେନ ମୋତେ ଦେଖି କହିଲେ, "ରାଜକୁମାରୀ, ଯାହା ତୁମ୍ଭେ ଏବେ କହିଲ, ତା' କ'ଣ ସତ୍ୟ ?" ମୁଁ ମୁଣ୍ଡ ହଲାଇ ହଁ କରି ତାଙ୍କ ପାଖେ ମସ୍ତକ ଅବନତ କରି ଆଶୀର୍ବାଦ ମାଗିଲି। ସଖୀ ମଧ୍ୟ ସେପରି କଲା। "ବିଜୟିନୀ ଭବ" ଆଶିଷ ପ୍ରାପ୍ତ ହେଲୁ ଓ ଶୀଘ୍ର ଅନ୍ୟମାନଙ୍କ ଆଶୀର୍ବାଦ ପାଇଁ ଗୃହରୁ ବାହାରି ଗଲୁ। ଦେଖିଲୁ ଯେ ନାନୀମା' ପ୍ରାସାଦରୁ ବାହାରି ବାହାରକୁ ଯିବାପାଇଁ ଅଶ୍ୱରଥ ଆଡକୁ ଅଗ୍ରସର ହେଉଛନ୍ତି। ସୁହାସୀ ବ୍ୟଗ୍ର ଗତିରେ ଯାଇ ତାଙ୍କ ପାଦତଳେ ପଡିଯାଇ ନିଜର ଆଭାର ପ୍ରକଟ କରିଲା। ପିଯୂସୀମା' ହାତ ଉଠାଇ କହିଲେ, " ମୁଁ ଚାହେଁ ତୁମେ ଦୁଇଜଣ ଉଚ୍ଚଶିକ୍ଷା ଲାଭ କରି ଯବଦ୍ୱୀପରେ ଶିକ୍ଷା ବିତରଣ କର। ବିଶେଷତଃ ନାରୀ ଶିକ୍ଷାକୁ ଅଗ୍ରଗାମୀ କର। ଗାର୍ଗୀ, ମୈଥିଳୀ, ଲୋପାମୁଦ୍ରା, ଲୀଳାବତୀ ପ୍ରଭୃତିଙ୍କ ସଦୃଶ ବିଦୁଷୀ ହୋଇ ବଂଶର, ରାଜ୍ୟର ସୁନାମ ଶୀର୍ଷକୁ ନିଅ। ଏ ମୋର ଆଶୀର୍ବାଦ।" ତା'ପରେ କହିଲେ ''ମୁଁ ଶ୍ୱଶୂରାଳୟକୁ ଯାଉଛି, ୨-୩ଦିନ ପରେ ଆସିବି" କହି ରଥରେ ବସି ଚାଲିଗଲେ।

ଆମେ ଯାଇ ବଡବାପା, ବଡ଼ମା', ମୋ ପିତାମାତା, ଆଚାର୍ଯ୍ୟ ଆର୍ଯ୍ୟଦତ୍ତ-ଗୁରୁମା' ପ୍ରଭୃତିଙ୍କ ଶୁଭାଶିଷ ନେଲୁ। ତା'ପରେ ଦିବାସ୍ୱପ୍ନ ଓ ନିଦ୍ରାଗତ ସ୍ୱପ୍ନରେ ସ୍ୱର୍ଗରାଜ୍ୟ କଳିଂଗରେ ବିଚରଣ କରିବା ସଂଗେ ସଂଗେ ମଧ୍ୟ ବାସ୍ତବ ଦୁନିଆରେ ନେଇ ଆମର କଳିଂଗଗମନ ପ୍ରସ୍ତୁତିରେ ନିଜକୁ ନିୟୋଜିତ କରିବାରେ ଲାଗିଲୁ। ତା' ସଂଗେ ସଂଗେ ମଧ୍ୟ ପରିଚାରକଙ୍କ ମାଧ୍ୟମରେ ଆଚାର୍ଯ୍ୟ ଆଦି ଆମର ଏ ସ୍ୱର୍ଗଭ୍ରମଣ ପାଇଁ କି କି ବ୍ୟବସ୍ଥା କରୁଛନ୍ତି, ସେ ବିଷୟରେ ସଦ୍ୟ ସମ୍ବାଦମାନ ସଂଗ୍ରହ କରିବାକୁ ଭୁଲିଲୁ ନାହିଁ।

### ୧୬.କଳିଂଗ ଗମନ ବ୍ୟବସ୍ଥା

ରାଜାଦେଶ ପ୍ରାପ୍ତ ହୋଇ ମୁଖ୍ୟ ଅମାତ୍ୟ ଆଚାର୍ଯ୍ୟଙ୍କୁ ନେଇ ନିଜ ଗୃହକୁ ଗଲେ ଓ ମଧ୍ୟ-କଳିଂଗ ବାସିନ୍ଦା ସୋମନାଥ ନାମକ ଜଣେ ଶ୍ରେଷ୍ଠ ସାଧବଙ୍କୁ ଡକାଇ ପଠାଇଲେ । ସାଧବ ଶ୍ରେଷ୍ଠ ଆସି ଉଭୟଙ୍କୁ ଯଥାମାନ୍ୟ ଦେଇ ତାଙ୍କୁ ଡକାଇବାର ଅଭିପ୍ରାୟ ପଚାରିଲେ। ମୁଖ୍ୟ ଅମାତ୍ୟ କହିଲେ, " ମହୋଦୟ, ଆମ୍ଭ ରାଜ୍ୟର ମହାରାଜାଙ୍କ କନିଷ୍ଠ ଭ୍ରାତାଙ୍କ ସୁପୁତ୍ରୀ ଓ ସେନାପତିଙ୍କ କନ୍ୟାଙ୍କୁ ଆପଣଙ୍କ କଳିଂଗର ପୁଷ୍ପଗିରି ବିଶ୍ୱବିଦ୍ୟାପୀଠକୁ ଉଚ୍ଚ ଶିକ୍ଷାନିମିତ୍ତ ପ୍ରେରଣ କରିବାରେ ରାଜ ନିଷ୍ପତ୍ତି ହୋଇଅଛି। ତେଣୁ ଏ ବିଷୟରେ ତୁମ୍ଭର ସହାୟତା ଓ ମାର୍ଗଦର୍ଶନପାଇଁ ତୁମ୍ଭକୁ ଆମ୍ଭେ ଡକାଇଛୁ। ଏ ବିଷୟରେ ଗୁରୁଦେବ ସମସ୍ତ ବିଷୟ ଅବଗତ କରାଇବେ।" ଏହା ଶୁଣି ଆର୍ଯ୍ୟ ସୋମନାଥ କହିଲେ, "ଏହା ଆମ୍ଭର ସୁଭାଗ୍ୟ ଯେ ମହାରାଜା ଆମକୁ ଏ ସୁଯୋଗ ଦେଇଛନ୍ତି। ତେଣୁ ଆମ୍ଭକୁ ଆମ୍ଭର କାର୍ଯ୍ୟ କ'ଣ କ'ଣ ହେବ ତାହା ଜଣାଇବାକୁ ଅନୁରୋଧ।"

ଗୁରୁ କହିଲେ, ''ହେ, ଶ୍ରେଷ୍ଠୀ (ଧନୀ ବଣିକ) ଶ୍ରେଷ୍ଠ, ସଂକ୍ଷେପରେ କହୁଛି ଯେ ଏ ସମ୍ବନ୍ଧ କଳିଂଗ ଓ ଯବଦେଶ ମଧ୍ୟରେ ସ୍ଥାପନ ହେଲେ ଦ୍ୱୟଙ୍କର ହିତସାଧନ ହେବ। ସୁତରାଂ ତତ୍ ସଂଗେ ସଂଗେ ଦୁଇ ଦେଶ ମଧ୍ୟରେ ଶିକ୍ଷା, ବାଣିଜ୍ୟ, ସାଂସ୍କୃତିକ ପ୍ରଭୃତି ସମ୍ବନ୍ଧରେ ଅଗ୍ରଗତି କରିବ, ଯାହାଦ୍ୱାରା ଏହା ଉଭୟଙ୍କ ନିମିତ୍ତ ଅତିବ ଅନୁକୂଳ ହେବ। ଏଣୁ ତୁମ୍ଭର ପରାମର୍ଶ ତଥା ସହାୟତା ନିମ୍ନ ଦିଗରେ ଆମ୍ଭେ ଆଶା କରୁଛୁ। ବିଚାରି କରି ମତବ୍ୟକ୍ତ କରିବା ହେବ।"

"ପ୍ରଥମତଃ, ଦୁଇ କନ୍ୟା ପୁଷ୍ପଗିରିରେ ଶିକ୍ଷାଲାଭ ୬ବର୍ଷ ବ୍ୟାପୀ କରିବା କାଳରେ, ତା'ର ତତ୍ତ୍ୱାବଧାନ ଭାର ତୁମ୍ଭେ ବା ତୁମ୍ଭର କୌଣସି ବ୍ୟକ୍ତିମାନେ ନେଲେ ସେମାନଙ୍କ ବିଦେଶରେ ଜୀବନଯାପନ ସରଳ ଓ ସୁଖକର ହୋଇପାରିବ। ଦ୍ୱିତୀୟତଃ, ସେମାନେ କିପରି ନିରାପଦରେ ପୁଷ୍ପଗିରି ପହଞ୍ଚିପାରିବେ ତା'ର ଦାୟିତ୍ୱ ତୁମ୍ଭେ ନେଲେ, ଆମ୍ଭେ ଉପକୃତ ହେବୁ। ତୃତୀୟତଃ, ପ୍ରଥମେ ଆମ୍ଭେ ପୁଷ୍ପଗିରି ବିଶ୍ୱବିଦ୍ୟାପୀଠର କୁଳପତିଙ୍କୁ ଏ କାର୍ଯ୍ୟପାଇଁ ଏକ ପତ୍ର ଲେଖିବୁ ଓ ତାହାକୁ ତୁମ୍ଭେ ପ୍ରେରଣ କରି ତତ୍‌କ୍ଷଣାତ୍ ଉତ୍ତର ନେଇ ଆସିବାକୁ ହେବ। ବିଚାର କରି ଆମ୍ଭକୁ ଏ ବିଷୟ ଅବଗତ କରାଇବା ହେବେ।" ଏହା କହି ଆଚାର୍ଯ୍ୟ ଉତ୍ତର ଅପେକ୍ଷାରେ ରହିଲେ।

"ମହାଭାଗ, ତୁମ୍ଭେ ଦେଇଥିବା ପ୍ରଥମ କାର୍ଯ୍ୟ ନିର୍ବାହ କରିବାରେ କୌଣସି ହେଲେ ଅସୁବିଧା ନାହିଁ। ତୁମ୍ଭେ ନିଶ୍ଚିନ୍ତ ରୁହ। କେବଳ ମୋର ଏକ ବିନତି ଯେ କନ୍ୟାମାନଙ୍କ ପଠନ ବ୍ୟବସ୍ଥା ପୁଷ୍ପଗିରି ବିଶ୍ୱବିଦ୍ୟାପୀଠରେ ଲଳିତ ଗିରିଠାରେ କଲେ ଉତ୍ତମ ହେବ। କାରଣ ମୋ' ଗୃହ ତାହାର ନିକଟବର୍ତ୍ତୀ ଥିବାରୁ ଯୋଗାଯୋଗ ସୁଗମ ହୋଇପାରିବ।" ସୋମନାଥ ସାଧବଙ୍କ ଏ ଉତ୍ତର ଶୁଣି ଆଶ୍ଚର୍ଯ୍ୟ ଆର୍ଯ୍ୟଦତ୍ତ ଆନଂଦିତ ହୋଇ କହିଲେ, " ହେ ସାଧବ ଶ୍ରେଷ୍ଠ ତୁମ୍ଭର ଏ ଅସ୍ତିବାଣୀ ଓ ଏ ଉତ୍ତମ ପରାମର୍ଶ ଆମ୍ଭ ପାଇଁ ମାର୍ଗଦର୍ଶିକା ଅଟେ। ଅତଃ ମୋ ପତ୍ରରେ କୁଳପତି ମହାଶୟଙ୍କୁ ମୁଁ ଲଳିତଗିରିରେ ନାମଲିଖନ ବ୍ୟବସ୍ଥା ପାଇଁ ଅନୁରୋଧ କରିବି।"

ଶ୍ରେଷ୍ଠୀ (ଧନିକ ସାଧବ) ତା'ପରେ ଅନ୍ୟ କାର୍ଯ୍ୟ ବିଷୟରେ ଆରମ୍ଭ କଲେ। କହିଲେ, "ମହାଭଗ, ଅନେକ କାର୍ଯ୍ୟ କରିବାକୁ ହେଲେ କେବେକେବେ ସମସ୍ୟା ଆସିପାରେ କିନ୍ତୁ ସେ ସବୁର ମଧ୍ୟ ସମାଧାନ ରହିଥାଏ। ମୋ କହିବା କଥା ଯେ ଏହି ରାଜକାର୍ଯ୍ୟରେ କିଛି ଅହେତୁକ ପ୍ରାକୃତିକ ପ୍ରତିବଂଧକ ଆସିଅଛି। ଅର୍ଥାତ୍ ସମୁଦ୍ରଝଡ ହେତୁ ପର୍ଯ୍ୟାପ୍ତ ବାଲୁକା ରାଶି ସ୍ଥାନାନ୍ତରିତ ହେବାରୁ ଚେଳିତାଲୋ ପୋତାଶ୍ରୟ କିଛିଦିନ ହେଲା କାର୍ଯ୍ୟକ୍ଷମ ନାହିଁ। ଆଶା ଯେ ଅନ୍ତତଃ ମାସେ ଦି'ମାସରେ ତାହା ପୁନଃସ୍ଥାପିତ ହୋଇଯିବ। ବାଲୁକା ନିଷ୍କାସନ କାର୍ଯ୍ୟ ଅବ୍ୟାହତ ରହିଛି।" ଏ ସମୟ ମଧ୍ୟରେ ମୁଖ୍ୟ ଅମାତ୍ୟ ଆଗଭର ହୋଇ ସୂଚିତ କଲେ ଯେ, "ଆମ୍ଭର କାର୍ଯ୍ୟ ତ ଶୀଘ୍ର ଆବଶ୍ୟକ। କ'ଣ କରାଯାଇ ପାରିବ ସେ ବିଷୟରେ ଆମ୍ଭଙ୍କୁ କୁହ"।

କଳିଂଗ ସାଧବ ଏଥିରେ ସ୍ମିତହସି କହିଲେ ଯେ, "ଏଥିପାଇଁ ଦକ୍ଷିଣ କଳିଂଗର ପାଲୁର୍ ବା ପାଲୁରା ପୋତାଶ୍ରୟ ଉତ୍ତମ ହେବ। କାରଣ ପାଲୁରା ଓ ଚେଳିତାଲୋ ମଧ୍ୟରେ ରହିଥିବା ମାଣିକ ପାଟଣା ପୋତାଶ୍ରୟ ଏ କାର୍ଯ୍ୟପାଇଁ ସୁବିଧାଜନକ ହେବ ନାହିଁ। ତେଣୁ କନ୍ୟାମାନଙ୍କ କିଛିଦିନ ବିଶ୍ରାମ ଓ ସ୍ଥଳପଥରେ ଯିବା ପାଇଁ ବିଖ୍ୟାତ ପାଲୁରା ଅନୁକୂଳ ହେବ।"

ଅମାତ୍ୟ ପୁନଃ ପଚାରିଲେ, "ଏ ପାଲୁରା ଅଂଚଳର ଯଦି କିଏ ଦକ୍ଷ ସାଧବ ଅଛନ୍ତି ତୁମ୍ଭେ ତାଙ୍କ ନାମ କହିଲେ, ଆମେ ତାଙ୍କ ସହ ବାର୍ତ୍ତାଳାପ କରିବୁ।"

ସାଧବମହାଶୟ ଉତ୍ତର ଦେଇ କହିଲେ, "ମୋର ପରମ ବଂଧୁ ପୁଣ୍ଡରିକ ମହାଶୟ ଅତି ଉତ୍ତମ ବ୍ୟକ୍ତି ଅଟନ୍ତି। ତାଙ୍କୁ ଏ କାର୍ଯ୍ୟ ନ୍ୟସ୍ତ କଲେ ସେ କନ୍ୟାଦ୍ୱୟଙ୍କୁ ପୁଷ୍ପଗିରି ପହଞ୍ଚାଇଦେବେ।" ଅମାତ୍ୟ କହିଲେ, "ଉତ୍ତମ ପ୍ରସ୍ତାବ। ଆମ୍ଭେ ବର୍ତ୍ତମାନ ଆର୍ଯ୍ୟ ପୁଣ୍ଡରିକଙ୍କ ସାହାଯ୍ୟପାଇଁ କଥାଦେବୁ।"

ଏହାପରେ କଳିଂଗ ସାଧବ ସୋମନାଥ ପୁନଃ କହିଚାଲିଲେ ଯେ, "ଆମ୍ଭେ କଷ୍ଟରେ ହେଉ ପଛେ ତୃତୀୟ କାର୍ଯ୍ୟଟି କରିଦେବୁ। ଗୁରୁଦେବଙ୍କ ପତ୍ର ନେଇ ପୁଷ୍ପଗିରି ଯିବା ଓ ସେଠାରେ କନ୍ୟାଦ୍ୱୟଙ୍କ ନାମଲିଖନ ପାଇଁ ଅନୁମତି ଆଣିବା ଆମ୍ଭର କେତେକ ସଂତରଣ ପ୍ରବୀଣ ଯୋଦ୍ଧା ଏକ ସ୍ୱତନ୍ତ୍ର ବୋଇତରେ ଯାଇକରିବେ। କାରଣ ଏ କାର୍ଯ୍ୟ ପାଲୁରା ଦେଇ କରିଲେ ବିଳମ୍ବ ହେବ। ସେମାନେ ପୋତାଶ୍ରୟର ଉପଯୁକ୍ତ ସ୍ଥାନରେ ବୋଇତରଖି ଛୋଟ ନାବ ସାହାଯ୍ୟରେ ଉପକୂଳକୁ ଯିବେ। ଆବଶ୍ୟକ ପଡିଲେ ସେମାନଙ୍କୁ ସନ୍ତରଣ କରିବାକୁ ପଡିପାରେ। ତେଣୁ ସେମାନଙ୍କ ସଦୃଶ ଆମ୍ଭେମାନେ ସ୍ଥଳଭାଗକୁ ଯାଇପାରିବା ସମ୍ଭବ ନୁହେଁ। ଗୁରୁଦେବ ପତ୍ର କାଲି ଦେଲେ ଏ ସ୍ୱତନ୍ତ୍ର ଯାତ୍ରା ଆମ୍ଭେ କାଲି ଆରମ୍ଭ କରିବୁ।"

ଏହା ଶ୍ରବଣ କରି ମୁଖ୍ୟ ଅମାତ୍ୟ ଓ ଆଚାର୍ଯ୍ୟ ଆର୍ଯ୍ୟଦତ୍ତ 'ସାଧୁ ସାଧୁ" କହି ସମ୍ମତି ଦେଲେ। ଅମାତ୍ୟ ପୁଣି କହିଲେ ଯେ "ହେ ବଣିକଶ୍ରେଷ୍ଠ, ତୁମ୍ଭେ ଏ କଷ୍ଟକାର୍ଯ୍ୟ କରିବାପାଇଁ ଆଗଭର ହେଉଅଛ, ତାହା ଅତୀବ ପ୍ରଶଂସନୀୟ। ଏଥିରେ ଯେଉଁ ବ୍ୟୟ ହେବ, ତାହା ରାଜ୍ୟ ଶାସନ ତୁମ୍ଭଙ୍କୁ ପରିଶୋଧ କରିବ।" ସୋମନାଥ ବିନୟରେ କହିଲେ, "ଆମ୍ଭେ ବ୍ୟବସାୟୀ। କିଛି କିଛି ତ ଆୟ କରୁଛୁ। ଏଥିରେ ଆମ୍ଭେ ରାଜକାର୍ଯ୍ୟପାଇଁ କିଛି ବ୍ୟୟ କରିଦେଲେ, ଆମ୍ଭର କ୍ଷତି କ'ଣ ହେଉଛି ? ତଥାପି ଏ ସ୍ୱତନ୍ତ୍ର ଯାତ୍ରା ସହ ଅଳ୍ପ କିଛି ପଣ୍ୟଦ୍ରବ୍ୟ ପ୍ରେରଣ ଓ ଆନୟନ ଆମ୍ଭେ ମଧ୍ୟ କରିପାରିବୁ। ଏଥିପାଇଁ ରାଜଅର୍ଥ ଆମ୍ଭେ କଦାପି ଗ୍ରହଣ କରିବୁ ନାହିଁ।" ଅମାତ୍ୟ କହିଲେ, "ହେଉ ଏ ବିଷୟରେ କ'ଣ ହୋଇପାରିବ ମୁଁ ମହାରାଜାଙ୍କ ସହ କଥାହେବି।"

ଏହାପରେ ବଣିକ ସୋମନାଥ କହିଲେ, "ମହୋଦୟ, ଯେହେତୁ ଏ କାର୍ଯ୍ୟ ଅତିଶୀଘ୍ର ସମାପନ କରାଯିବ, ଆଜ୍ଞା ହେଲେ ମୁଁ ବର୍ତ୍ତମାନ ବନ୍ଧୁ ପୁଣ୍ଡରିକଙ୍କୁ ଏଠାକୁ ଡାକି ଆଣୁଛି।' ମୁଖ୍ୟ ଅମାତ୍ୟଙ୍କ ଅସ୍ତି ବଚନ ଶୁଣି ବିନାବିଳମ୍ବରେ ପୁଣ୍ଡରିକଙ୍କୁ ଡାକି ଆଣି ସେ ଗୁରୁଦେବ ଓ ଅମାତ୍ୟଙ୍କ ନିକଟରେ ପହଞ୍ଚିଲେ। ପୁଣ୍ଡରିକଙ୍କ ପରିଚୟ କରାଇ ସୋମନାଥ, କହିଲେ, "ମୁଁ ବଂଧୁଙ୍କୁ ସମସ୍ତ କହିଦେଇଛି। ସେ ମଧ୍ୟ ଏ ରାଜକାର୍ଯ୍ୟ ନିର୍ବାହନ କରିବାକୁ ଅତିଶୟ ଆଗ୍ରହୀ।" ଆର୍ଯ୍ୟ ପୁଣ୍ଡରିକ ସମସ୍ୱରରେ ଇଚ୍ଛା ବ୍ୟକ୍ତ କରିବାରୁ ମୁଖ୍ୟ ଅମାତ୍ୟ ସମସ୍ତଙ୍କୁ ଧନ୍ୟବାଦ ଦେଇ ଚର୍ଚ୍ଚାରେ ପରିସମାପ୍ତି କଲେ।

ଏହାପରେ ସମସ୍ତେ ନିଜ ନିଜ କାର୍ଯ୍ୟରେ ଲାଗିଗଲେ। ଗୁରୁଦେବ ପୁଷ୍ପଗିରି କୁଳପତିଙ୍କୁ ପତ୍ର ଲେଖି ସୋମନାଥଙ୍କୁ ଦେଲେ। ସୋମନାଥ ସ୍ୱତନ୍ତ୍ର ଯାତ୍ରୀଙ୍କଦ୍ୱାରା ସ୍ୱତନ୍ତ୍ର ଯାତ୍ରା କରାଇ ପତ୍ର ନେଇ କୁଳପତିଙ୍କ ପାଖରେ ପହଞ୍ଚାଇଲେ ଓ ଉତ୍ତର ମଧ୍ୟ ଆଣିକରି ଆସିଲେ। ପୁଣ୍ଡରିକ ମଧ୍ୟ ଶୀଘ୍ର ଗୃହମୁଖୀ ଯାତ୍ରା ପାଇଁ ଯଥାବଶ୍ୟକ କାର୍ଯ୍ୟ କରିଚାଲିଲେ। ଆମ ଦୁଇ ସଖୀଙ୍କପାଇଁ ବୋଇତରେ ଏକ ଅସ୍ଥାୟୀ କକ୍ଷ ମଧ୍ୟ ସେ କରିଥିଲେ। ଅତଃ ସାଧବଦ୍ୱୟ ଏହାପରେ ମୁଖ୍ୟ ଅମାତ୍ୟଙ୍କ ନିକଟରେ ଉପନୀତ ହୋଇ ସମସ୍ତ କଥା କହିଲେ। ମୁଖ୍ୟ ଅମାତ୍ୟ ତା'ପରେ ଗୁରୁଦେବ, ମୋ' ପିତା ଓ ସେନାପତିଙ୍କୁ ନେଇ ମହାରାଜଙ୍କୁ ଭେଟିଲେ। ମହାରାଣୀ ପ୍ରମୋଦବର୍ଦ୍ଧିନୀ ମଧ୍ୟ ସେଠାକୁ ଆସିଲେ। ଗୁରୁଦେବ ପତ୍ର ପଢି ଶୁଣାଇଲେ। ପୁଷ୍ପଗିରି କୁଳପତି ଆମ ଦ୍ୱୟଙ୍କ ନାମଲିଖନ କରିବାରେ ସମ୍ମତି ଦେଇ ତାହା ତାଂକର ସୌଭାଗ୍ୟ ବୋଲି ଲେଖିଥିଲେ। ସମସ୍ତ ପ୍ରସ୍ତୁତି ସରିଥିଲା। ତେଣୁ ବିଶେଷ କିଛି ଆଉ କରିବାର ନ ଥିଲା।

ଏ ସବୁପରେ ଜ୍ୟେଷ୍ଠପିତା ମହାରାଜ କହିଲେ, "ଗୁରୁଦେବ ଯଦି ସମ୍ମତ ହୁଅନ୍ତି, ମୋ ମତରେ ସେ କନ୍ୟାଦ୍ୱୟଙ୍କ ସାଥିରେ ପୁଷ୍ପଗିରି ଗମନ କରନ୍ତୁ। ଏ ସମସ୍ତ କାର୍ଯ୍ୟ ସଂପାଦନ କରି ସେଠାରେ କିଛିଦିନ ରହି ସେଠାକାର ଶିକ୍ଷାପଦ୍ଧତିର ଅଧ୍ୟୟନ କରନ୍ତୁ। ୨-୩ମାସ ପରେ ଚେଳିତାଲୋ କାର୍ଯ୍ୟକ୍ଷମ ହେଲା ପରେ ଦେଶକୁ ପ୍ରତ୍ୟାବର୍ତ୍ତନ କରି ଏଠାରେ ତାହାକୁ ପ୍ରବର୍ତ୍ତନ କରାଇଲେ ଆମ୍ଭର ଶିକ୍ଷାକ୍ଷେତ୍ରରେ ଉନ୍ନତି ସାଧନ ହୋଇପାରନ୍ତା"। ସମସ୍ତେ ଏଥିରେ ସମ୍ମତି ହେଲେ। ଏହାଶୁଣି ଆଚାର୍ଯ୍ୟ ଏହାର ଉତ୍ତରରେ କହିଲେ, "ରାଜା ଆଜ୍ଞା ଶିରୋଧାର୍ଯ୍ୟ, ମୁଁ ଏ କାର୍ଯ୍ୟ କରିବି।"

ଏହାପରେ ପିଯୂସୀ ଘୋଷଣା କଲେ ଯେ, "ଆମ୍ଭେଦ୍ୱୟ ନିଷ୍ପତ୍ତି କରିଛୁ ଯେ, ଶ୍ରେଷ୍ଠୀଦ୍ୱୟଙ୍କ ଏତାଦୃଶ କାର୍ଯ୍ୟପାଇଁ ଏମାନଙ୍କୁ ଦୁଇବର୍ଷ ପର୍ଯ୍ୟନ୍ତ ସମସ୍ତ ବାଣିଜ୍ୟ କରରୁ ମୁକ୍ତ କରାଗଲା।" ହାତଯୋଡି ସାଧବଦ୍ୱୟ ତାହାକୁ ସ୍ୱୀକାର ଓ ଆଭାର ପ୍ରକଟ କଲେ।

ଏହାପରେ ଚର୍ଚ୍ଚା ସମାପିତ ହେଲା। ଆମ୍ଭେମାନେ ସମସ୍ତେ କଳିଂଗ ଗମନର ପ୍ରସ୍ତୁତିରେ ରହିଲୁ । (କ୍ରମଶଃ)

# ଶବ୍ଦ ଓ ସ୍ୱରର ଯାଦୁ



ମନୋରଞ୍ଜନ ମହାନ୍ତି
ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ
ଧର୍ମଶାଳା, ଯାଜପୁର
ମୋ-୯୮୫୩୨୮୨୯୬୨

ପ୍ରତ୍ୟେକ ବର୍ଷ ଅନେକ ଭାରତୀୟ ଚିତ୍ରତାରକା ସେମାନଙ୍କ ଚମକ୍‌ଦାର୍ ଡିଜାଇନର୍ ଆଗା ବା ପୋଷାକ ପରିଧାନ କରି ସିନେମା, ଫେସନ୍, କଳାତ୍ମକ ଅଭିବ୍ୟକ୍ତିର ସଙ୍ଗମସ୍ଥଳ କ୍ୟାନିସ୍‌ର ରେଡ୍ କାର୍ପେଟ୍ ଉପରେ ଚାଲନ୍ତି । କିନ୍ତୁ ପ୍ରତିଯୋଗିତା ବିଭାଗରେ ବିଗତ ତିରିଶ ବର୍ଷ ଧରି ଭାରତୀୟ ଚଳଚ୍ଚିତ୍ରଗୁଡ଼ିକ ସ୍ଥାନ ପାଇପାରିନଥିଲେ । ସୁଖର କଥା, ୨୦୨୪ ବର୍ଷରେ ପାୟଲ୍ କାପାଡ଼ିଆଙ୍କ 'ଅଲ୍ ଉଇ ଇମାଜିନ୍ ଆଜ୍ ଲାଇଟ୍' ଚଳଚ୍ଚିତ୍ରଟି ଫ୍ରାନ୍ସରେ ଗ୍ରାଣ୍ଡ ପ୍ରିକ୍ସ ଜିତିଛି । ଏ ହେଉଛି ନାରୀତ୍ୱ ଓ ପ୍ରବାସୀ ଅନୁଭୂତି ସମ୍ବନ୍ଧୀୟ ଗୋଟେ ବହୁସ୍ତରୀୟ, ସୌନ୍ଦର୍ଯ୍ୟ ଦୃଷ୍ଟିରୁ ଶାନ୍‌ଦାର୍ ଚଳଚ୍ଚିତ୍ର, ଯାହା ଯୁବ ଚିତ୍ରନିର୍ମାତାମାନଙ୍କ ପାଇଁ ଏକ ନୂଆ ମାନକ ବା ମାନଦଣ୍ଡ ସ୍ଥାପନ କରିଛି । ସେଥିରେ ଅଛି ଶବ୍ଦ ଓ ସ୍ୱରର ଯାଦୁ, ଯାହା ସ୍ୱାଧୀନତୋତ୍ତର ଭାରତୀୟ ସୃଜନକଳାର ବୈଶିଷ୍ଟ୍ୟ ପ୍ରତିପାଦନ କରୁଛି । କାହାଣୀକାର କାହାଣୀରେ ଉପଯୁକ୍ତ ଶବ୍ଦ ପ୍ରୟୋଗ କରିଛନ୍ତି, କାହାଣୀକୁ ଆଧାର କରି ଚଳଚ୍ଚିତ୍ରଟି ନିର୍ମିତ ହୋଇଛି, ସଂଳାପ-ରଚୟିତା ସଂଳାପଗୁଡ଼ିକରେ ସମାନୁପାତରେ ପ୍ରଭାବଶାଳୀ ଶବ୍ଦଗୁଡ଼ିଏ ବ୍ୟବହାର କରିଛନ୍ତି, ଅଭିନେତା ଅଭିନେତ୍ରୀମାନେ ମଧ୍ୟ ସଂଳାପଗୁଡ଼ିକୁ ଖୁବ୍ ପ୍ରଭାବୀ ସ୍ୱରରେ ଉଚ୍ଚାରଣ କରିଛନ୍ତି ଓ ତତ୍‌ସହିତ ସଙ୍ଗୀତର ସ୍ୱରରେ ରହିଛି ଅନୁପମ ମାର୍ମିକ ମଧୁରତା ।

ଶବ୍ଦ ଓ ସ୍ୱରର ଏପରି ଯାଦୁକରୀ ପ୍ରଭାବ ପ୍ରସଙ୍ଗରେ ଆମେ ସ୍ୱାଧୀନତୋତ୍ତର ଭାରତବର୍ଷର କେତୋଟି ଚଳଚ୍ଚିତ୍ରକୁ ଦୃଷ୍ଟାନ୍ତ ସ୍ୱରୂପ ନେଇପାରିବା । ୧୯୫୩ ବର୍ଷରେ ମୁକ୍ତି ଲାଭ କରିଥିବା 'ଦୋ ବିଘା ଜମିନ୍'ରେ ଉପସ୍ଥାପିତ ହୋଇଛି କିପରି ଋଣ ଓ ପରିସ୍ଥିତିର ଚାପରେ ନୀଚକୁ ଦବିଯାଇଥିବା କୃଷକମାନଙ୍କର ଦରିଦ୍ରୀକରଣ ହେଉଛି ଆଧୁନିକ ଭାରତର ଅପରିବର୍ତ୍ତନୀୟ ଦୁଃଖଦ ଘଟଣାମାନଙ୍କ ମଧ୍ୟରେ ଅନ୍ୟତମ । ବିମଳ ରାୟଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ଅଛି ନବ ଯଥାର୍ଥବାଦ ଆଧାରିତ ଏକ ସାର୍ବଭୌମ ଅଭିରୁଚିର ବିଷୟବସ୍ତୁ, ଏକ ଅତି ଦୁଃଖୀ ପରିବାର, ବିପୁଳ ସହରୀ ନିମ୍ନବର୍ଗଙ୍କ କାହାଣୀ । ପୁରସ୍କାରପ୍ରାପ୍ତ ଏ ଚଳଚ୍ଚିତ୍ରର କାହାଣୀକାର-ସଙ୍ଗୀତକାର ହେଉଛନ୍ତି ସଲିଳ ଚୌଧୁରୀ । ଦୁର୍ଗତି, ଦୁର୍ଦ୍ଦଶା, ବିପତ୍ତି ଦ୍ୱାରା ଚାପି ହୋଇଯାଇଥିବା ନାୟକ ଭୂମିକାରେ ବଳରାଜ ସାହାଣିଙ୍କ ଅଭିନୟ ଉତ୍କୃଷ୍ଟ, ଶାନ୍‌ଦାର୍ ହୋଇଛି । ୧୯୫୫ ବର୍ଷର 'ପଥେର୍ ପାଞ୍ଚାଳି' ଚଳଚ୍ଚିତ୍ରରେ ବଙ୍ଗଳାର ରମଣୀୟ ଗ୍ରାମାଞ୍ଚଳ କିଭଳି ପରିବର୍ତ୍ତିତ ହୋଇଛି, ତା'ର ଏକ ସମ୍ବେଦନଶୀଳ, ସୂକ୍ଷ୍ମ ରୂପାୟଣ କରିଛନ୍ତି ନିର୍ଦ୍ଦେଶକ ସତ୍ୟଜିତ୍ ରାୟ । ମୁଖ୍ୟ ଭୂମିକାରେ ଗୋଟେ ଅଳ୍ପ ବୟସର ବାଳକ ଅଭିନୀତ ଏହି ଚଳଚ୍ଚିତ୍ରଟି ହେଉଛି ଚିତ୍ର-ଜଗତରେ କାବ୍ୟିକ ଅତିସୂକ୍ଷ୍ମବାଦର ପ୍ରଧାନ ବା ପ୍ରମୁଖ ପରିଚୟ । କ୍ୟାନିସ୍‌ଠାରେ 'ଶ୍ରେଷ୍ଠ ହ୍ୟୁମାନ୍ ଡକୁମେଣ୍ଟ୍' ପୁରସ୍କାର ଓ ଭାରତରେ 'ଶ୍ରେଷ୍ଠ ଫିଚର୍ ଫିଲ୍ମ ପୁରସ୍କାର'ପ୍ରାପ୍ତ ଏହି ଚଳଚ୍ଚିତ୍ରଟି ବିଶ୍ୱ ସିନେମା ମାନଚିତ୍ରରେ ଭାରତକୁ ସ୍ଥାପିତ କଲା ଓ ବିଦେଶରେ ଭାରତୀୟ ଚଳଚ୍ଚିତ୍ର ସମ୍ବନ୍ଧରେ ଏକ ବିକଳ୍ପ ବିଚାର ବା ଅବଧାରଣାର ଛାପ ସୃଷ୍ଟି କଲା ।

୧୯୬୫ ବର୍ଷର 'ଚେମିନ୍' ଚଳଚ୍ଚିତ୍ର । କେରଳ ଉପକୂଳବର୍ତ୍ତୀ ଅଞ୍ଚଳର ଧୀବରମାନଙ୍କ ଜୀବନକାହାଣୀ ଆଧାରରେ ରଚିତ ମାଲୟାଲାମ୍ ଲେଖକ ଥାକାଝି ଶିବଶଙ୍କର ପିଲାଇଙ୍କ ଗୀତାତ୍ମକ ଉପନ୍ୟାସ 'ଚେମିନ୍'ର କଥାବସ୍ତୁ । ନିର୍ଦ୍ଦେଶକ ରାମୁ କରିଆଟ୍‌ଙ୍କ ଜ୍ୱଳନଶୀଳ ବ୍ୟାଖ୍ୟା, ସରଳ ଦୃଶ୍ୟର ପ୍ରସ୍ତୁତିକରଣ ଇତ୍ୟାଦିକୁ ଚଳଚ୍ଚିତ୍ର-ସମାଲୋଚକ, ଦର୍ଶକମାନେ ହୃଦୟର ସହିତ ସ୍ୱାଗତ ଜଣାଇଲେ । ଗୋଟେ ଦୁଃଖଦ ଅନ୍ତର୍ଧାର୍ମିକ ପ୍ରେମ କାହାଣୀ ଆଧାରିତ ଏହି ଚଳଚ୍ଚିତ୍ରରେ ଥିଲା ଆଶ୍ଚର୍ଯ୍ୟଜନକ, ବିସ୍ମୟକାରୀ, ସୁନ୍ଦର ଫଟୋଗ୍ରାଫି ସହିତ ସଲିଳ ଚୌଧୁରୀଙ୍କ ସ୍ମରଣୀୟ ସଙ୍ଗୀତ, ଯେଉଁଥିପାଇଁ ଶ୍ରେଷ୍ଠ ଫିଚର୍ ଫିଲ୍ମ ଭାବରେ ତାହା ଲାଭକରିଥିଲା ଜାତୀୟ ପୁରସ୍କାର । ୧୯୭୫ରେ 'ଶୋଲେ' ଚଳଚ୍ଚିତ୍ରର ଡାଇଲଗ୍‌ଗୁଡ଼ିକ ଶୁଣାଯାଉଥିଲା ଲାଉଡ୍‌ସ୍ପିକର୍‌ରୁ, ଜଣାପଡୁଥିଲା ସତେ ଯେପରି ଲାଉଡ୍‌ସ୍ପିକର୍‌ଗୁଡ଼ିକ ଗର୍ଜନ କରୁଛନ୍ତି, ଉଚ୍ଚସ୍ୱରରେ ଚିଲାଉଛନ୍ତି । ଶିଶୁମାନେ ନର୍ସରୀ ରାଇମ୍ ଠାରୁ ଅଧିକ ଭଲଭାବରେ ମନେରଖୁଥିଲେ ଡାଇଲଗ୍‌ଗୁଡ଼ିକୁ । ବିବାହ କର୍ମକାଣ୍ଡରେ ଶୁଭୁଥିଲା ପୁରୋହିତଙ୍କ ମନ୍ତ୍ର, ସେଥିସହିତ ପୃଷ୍ଠଭୂମିରେ ଗ୍ରାମୋଫୋନ୍‌ରେ ଶୁଭୁଥିଲା 'ତେରା କ୍ୟା ହୋଗା କାଲିଆ' ଭଳି ଡାଇଲଗ୍ । ଡାଇଲଗ୍‌ଗୁଡ଼ିକୁ ଥିଏଟର୍‌ରେ ଅଭିନେତାମାନେ କହିବା ପୂର୍ବରୁ ଅଡିଟୋରିୟମ୍‌ରେ ପ୍ରଶଂସକମାନେ ତା'ର ପୁନରାବୃତ୍ତି କରୁଥିଲେ । ନିର୍ଦ୍ଦେଶକ ରମେଶ ସିପ୍ପିଙ୍କ ନାୟକ ଓ ଖଳନାୟକ କେବଳ ବ୍ୟବସାୟିକ ସଫଳତାର ରେକର୍ଡ୍ ଭଙ୍ଗ କରିନଥିଲେ, ଚଳଚ୍ଚିତ୍ରଗୁଡ଼ିକ କିପରି ଆମ ଜୀବନର ଅଂଶ ହୋଇପାରନ୍ତି ତା'ର ଗୋଟେ ମାନକ ବା ମାନଦଣ୍ଡ ହୋଇପାରିଥିଲେ ମଧ୍ୟ ।

୧୯୮୦ ଦଶକରେ ନୂଆ ଲହର ସିନେମା ଏକ ଅଧିକ ଅତ୍ୟାବଶ୍ୟକ ଓ ନିଶ୍ଚୟାତ୍ମକ ବା ସ୍ୱୀକାରାତ୍ମକ ରୂପ ଗ୍ରହଣ କଲା, ଯାହାର ଫଳ ୧୯୮୩ବର୍ଷର 'ଅର୍ଦ୍ଧସତ୍ୟ' ଚଳଚ୍ଚିତ୍ର । କଳାତ୍ମକ ଚଳଚ୍ଚିତ୍ରକୁ ଊର୍ଦ୍ଧ୍ୱ ସୋପାନରେ ଉପନୀତ କରାଇଥିବା 'ଅର୍ଦ୍ଧସତ୍ୟ'ର କାହାଣୀରେ ଜଣେ ସଚ୍ଚୋଟ ପୋଲିସ୍ ଅଧିକାରୀ ତା'ର ଦୃଢ଼, କଠୋର, ତାନାଶାହୀ ବାପା ସହିତ ସଂଘର୍ଷରତ । ଓମ୍‌ପୁରୀଙ୍କ ଚାପା କ୍ରୋଧ ଅନନ୍ତ ଭେଲାଙ୍କାର୍‌ଙ୍କୁ ସେହି ଦଶନ୍ଧିର ସିନେମା ପରଦାରେ ନିଶ୍ଚିତ, ନିର୍ଣ୍ଣାୟକ, ସର୍ବୋତ୍ତମ ପୋଲିସ୍ ଅଧିକାରୀର ପରିଚୟ ପ୍ରଦାନ କଲା । 'ଅର୍ଦ୍ଧସତ୍ୟ' ଥିଲା ଗୋଟେ ଯାଦୁକରୀ ସୁପରହିଟ୍ ଫିଲ୍ମ, ବହୁ ପୁରସ୍କାରପ୍ରାପ୍ତ, ବ୍ୟବସାୟିକ ଦୃଷ୍ଟିରୁ ଖୁବ୍ ସଫଳ । ୧୯୯୦ ଦଶକରେ ଭାରତୀୟ ଅର୍ଥନୀତିର ଉଦାରୀକରଣ ହେଲା, ଉପଗ୍ରହ-ଦୂରଦର୍ଶନ ଆମେରିକୀୟ ସାବୁନ ଓ ସଂସ୍କୃତିକୁ ମଧ୍ୟବିତ୍ତ ପରିବାରକୁ ଆଣିଲା ଏବଂ ଜଗତୀକରଣ ଦ୍ରୁତ ଗତିରେ ହିନ୍ଦୀ ସିନେମା ପାଇଁ ଏକ ଡଲାର୍ - ସମୃଦ୍ଧ ଅନିବାସୀ ଭାରତୀୟ ବଜାର ସୃଷ୍ଟି କଲା । ଏହି ଦ୍ରୁତ ପରିବର୍ତ୍ତନଶୀଳ ଆର୍ଥନୀତିକ ଓ ସାଂସ୍କୃତିକ ବ୍ରହ୍ମାଣ୍ଡରେ ୧୯୯୫ରେ ମୁକ୍ତି ଲାଭ କଲା 'ଦିଲ୍‌ୱାଲେ ଦୁଲହନିୟା ଲେ ଯାଏଙ୍ଗେ' ଚଳଚ୍ଚିତ୍ର, ଯେଉଁଥିରେ ଦୁଇ ଯୁବ ଅନିବାସୀ ଭାରତୀୟଙ୍କ ମଧ୍ୟରେ ପ୍ରେମ କାହାଣୀ ଏକ ସକାରାତ୍ମକ, ସ୍ୱୀକାରାତ୍ମକ ରୂପ ଗ୍ରହଣ କଲା । ଚଳଚ୍ଚିତ୍ରଟି କୃତ୍ରିମ ଆଧୁନିକତା ଓ ଭଲଲାଗୁଥିବା ବା ସୁଖାନୁଭୂତିଦାୟକ ପରମ୍ପରା ମଧ୍ୟରେ ଗୋଟେ ସଫଳ ସନ୍ତୁଳନ ରକ୍ଷା କଲା । ୩୦ବର୍ଷ ପରେ ଯୁବପ୍ରେମୀମାନେ ତଥାପି ନିଜକୁ ରାଜ୍ ଓ ସିମ୍‌ରନ୍ ଭାବରେ ବିଚାର କରନ୍ତି । ୨୦୧୫ ବର୍ଷରେ ମୁକ୍ତିଲାଭ କଲା 'ବାହୁବଳି' ଚଳଚ୍ଚିତ୍ର । ନିର୍ଦ୍ଦେଶକ ଏସ୍.ଏସ୍. ରାଜମୌଳିଙ୍କ ଏ ମହାକାବ୍ୟରେ ଅତ୍ୟାଧୁନିକ ଦୃଶ୍ୟ ପ୍ରଭାବ ସହିତ ଏକ କଳ୍ପିତ, ପୌରାଣିକ କଥା ସମ୍ବନ୍ଧୀୟ ଅତୀତର ସମ୍ମିଶ୍ରଣ ପ୍ରଦର୍ଶିତ ହେଲା । ବିଭିନ୍ନ ଭାଷାରେ ମୁକ୍ତିଲାଭ କରିଥିବାରୁ ସୁପରହିଟ୍, ଅତି ଲୋକପ୍ରିୟ ଏ ଚଳଚ୍ଚିତ୍ରଟି ଭାଷାଗତ ବାଧା ନଷ୍ଟ କଲା, ବହୁତ ଅଧିକ ଧନ ଅର୍ଜନ କଲା, ଯା'ର ଗୁଣଗାନଭରା ବହୁ ସମୀକ୍ଷା ମଧ୍ୟ ପ୍ରକାଶିତ ହେଲା ।

ଉପରୋକ୍ତ ସମସ୍ତ ଚଳଚ୍ଚିତ୍ରରେ କାହାଣୀ ଓ ସଂଳାପ ରଚୟିତା, ଗୀତିକାରମାନେ ବ୍ୟବହାର କରିଥିବା ଶବ୍ଦ ଏବଂ ଅଭିନେତା, ସଙ୍ଗୀତଜ୍ଞମାନଙ୍କ ସ୍ୱରର ଯାଦୁକରୀ ପ୍ରଭାବରେ ଦର୍ଶକ, ଶ୍ରୋତାମାନେ ମୋହିତ ହୋଇଛନ୍ତି । ଚୁମ୍ବକ ଆଡ଼କୁ ଲୁହା ଆକର୍ଷିତ ହେଲାଭଳି ଚଳଚ୍ଚିତ୍ରଗୁଡ଼ିକ ପ୍ରତି ସେମାନେ ଆକର୍ଷିତ ହୋଇଛନ୍ତି । କେବଳ ଚଳଚ୍ଚିତ୍ର ନୁହଁ, ସ୍ୱାଧୀନତୋତ୍ତର ଭାରତରେ ଏଭଳି କେତେକ ଉପନ୍ୟାସ କାହାଣୀ ସୃଷ୍ଟି ହୋଇଛି ଯାହାର ଶବ୍ଦ ଓ ଅନ୍ତଃସ୍ୱର ପାଠକମାନଙ୍କୁ ମୁଗ୍ଧବିଭୋର ଅର୍ଥାତ୍ ମନ୍ତ୍ରମୁଗ୍ଧ କରିଛି । କେତୋଟି ପ୍ରତିନିଧିସ୍ଥାନୀୟ ସୃଷ୍ଟିକୁ ଦୃଷ୍ଟାନ୍ତ ସ୍ୱରୂପ ଉଲ୍ଲେଖ କରାଯାଇପାରେ । ୧୯୮୧ ବର୍ଷରେ ପ୍ରକାଶିତ ସଲ୍‌ମାନ୍ ରୁସ୍‌ଦିଙ୍କ 'ମିଡ୍‌ନାଇଟ୍ସ ଚିଲ୍‌ଡ୍ରେନ୍' ବୁକର୍ ପୁରସ୍କାର, ଜେମ୍ସ ଟେଟ୍ ମେମୋରିଆଲ୍ ପୁରସ୍କାର ପ୍ରାପ୍ତ ଉପନ୍ୟାସ । ଏ ହେଉଛି ୧୯୪୭ରେ ଘଟିଯାଇଥିବା ଘଟଣା ବା ବୃତ୍ତାନ୍ତଗୁଡ଼ିକର ଗୋଟେ ଢିଲା ରୂପକ (ଅର୍ଥାତ୍ କାହାଣୀ ଭିତରେ ଆଉ ଏକ କାହାଣୀ), ଯେଉଁଥିରେ ନାୟକ ଠିକ୍ ଭାରତ ସ୍ୱାଧୀନ ହେବାର ମୁହୂର୍ତ୍ତରେ ହିଁ ଜନ୍ମ ହୋଇଛି । ଅନେକ ବର୍ଷ ଧରି ରୁସ୍‌ଦି ଗୋଟେ ଫତ୍‌ୱା ଛାୟାରେ ବାସ କଲେ, ୨୦୨୨ ଅଗଷ୍ଟ ମାସରେ ତାଙ୍କ ଉପରେ ଆକ୍ରମଣ ହେଲା, କିନ୍ତୁ ବଞ୍ଚିଗଲେ, ଯଦିଓ ଗୋଟେ ଆଖିରେ ଦୃଷ୍ଟିଶକ୍ତି ହରାଇଲେ । ସେହି ଆକ୍ରମଣ ଘଟଣା ଆଧାରରେ ପ୍ରକାଶ ପାଇଛି ତାଙ୍କର ସଦ୍ୟତମ ଉପନ୍ୟାସ 'ନାଇଫ୍' । ୧୯୮୬ରେ ପ୍ରକାଶ ପାଇଛି ବିକ୍ରମ ସେଠ୍‌ଙ୍କ 'ଦି ଗୋଲ୍‌ଡେନ୍ ଗେଟ୍', ଯେଉଁଥିପାଇଁ ଭାରତ ଓ ଯୁକ୍ତରାଷ୍ଟ୍ର ଆମେରିକାରେ ଘରେ ଘରେ ସେ ପରିଚିତ । ଉପନ୍ୟାସଟି ଛନ୍ଦକବିତା ଆକାରରେ ଲିଖିତ, ୫୯୦ଗୋଟି ଓନେଜିନ୍ ଷ୍ଟାଞ୍ଜା ବା ପୁସ୍କିନ୍ ସନେଟ୍ ସେଥିରେ ଅଛି, ଚାର୍ଲ୍ସ ଜନ୍‌ଷ୍ଟନ୍ କରିଥିବା ପୁସ୍କିନ୍‌ଙ୍କ 'ଇଉଜିନ୍ ଓନେଜିନ୍'ର ଅନୁବାଦ ଦ୍ୱାରା ସେଠ୍ ପ୍ରଭାବିତ । ସାତ ବର୍ଷ ପରେ ପ୍ରକାଶ ପାଇଛି ସେଠ୍‌ଙ୍କର ଅନ୍ୟ ଏକ ସଫଳ, ସୁପରହିଟ୍, ଅତି ଲୋକପ୍ରିୟ ଉପନ୍ୟାସ 'ଏ ସୁଇଟେବଲ୍ ବୟ୍', ପୃଷ୍ଠା ସଂଖ୍ୟା ୧୪୮୮ (ପେପର୍‌ବ୍ୟାକ୍), ଗୋଟିଏ ଭଲ୍ୟୁମ୍ ବା ଗ୍ରନ୍ଥରେ ପ୍ରକାଶିତ ଦୀର୍ଘତମ ଉପନ୍ୟାସ । ଅମିତାଭ୍ ଘୋଷ୍‌ଙ୍କ ଲିଖିତ 'ଦି ସ୍ୟାଡୋ ଲାଇନ୍ସ' ଉପନ୍ୟାସର ପ୍ରକାଶନ ବର୍ଷ ୧୯୮୮ । ସ୍ୱଦେଶୀ ଆନ୍ଦୋଳନ, ୨ୟ ବିଶ୍ୱଯୁଦ୍ଧ, ବିଭାଜନ ଏବଂ ଢାକା ଓ କଲିକତାରେ ୧୯୬୩-୬୪ ବର୍ଷରେ ସାମ୍ପ୍ରଦାୟିକ ଦଙ୍ଗା ଇତ୍ୟାଦି ଐତିହାସିକ ଘଟଣାର ପୃଷ୍ଠଭୂମିରେ ରଚିତ ଏ ଉପନ୍ୟାସ । ଏଥିରେ ଉପସ୍ଥାପିତ ହୋଇଛି ସୀମାନ୍ତ ରେଖାଗୁଡ଼ିକର ଅସାରତା, ନିରର୍ଥକତା । ଅରୁନ୍ଧତୀ ରାୟଙ୍କର ପ୍ରଥମ ଉପନ୍ୟାସ 'ଦି ଗଡ୍ ଅଫ୍ ସ୍ମଲ୍ ଥିଙ୍ଗ୍‌ସ୍' ବୁକର୍ ପୁରସ୍କାର ଲାଭ କଲା ୧୯୯୭ ବର୍ଷରେ । ହାର୍ପର୍ କଲିନ୍ସର ସଂପାଦକ ପଙ୍କଜ ମିଶ୍ର ଏ ଉପନ୍ୟାସର ପ୍ରାରୂପଟିକୁ ବ୍ରିଟିଶ୍ ପ୍ରକାଶକମାନଙ୍କ ନିକଟକୁ ପଠାଇଲେ ଓ ଅରୁନ୍ଧତୀ ପାଞ୍ଚଲକ୍ଷ ପାଉଣ୍ଡ୍ ଅଗ୍ରିମ ଅର୍ଥ ପ୍ରାପ୍ତ କଲେ । ତାଙ୍କ ମତରେ, 'ମହାନ୍ ଗପଗୁଡ଼ିକ ହେଉଛି ତାହା ଯାହାକୁ ଆପଣ ଶୁଣିଛନ୍ତି ଓ ପୁଣିଥରେ ଶୁଣିବାକୁ ଇଚ୍ଛା କରୁଛନ୍ତି । ଗପର ଯେକୌଣସି ପୃଷ୍ଠା ପଢ଼ିଲେ ବି ତାହା ସୁଖପାଠ୍ୟ ହେବ ।' ପ୍ରତିଷ୍ଠିତ ଉପନ୍ୟାସ 'କ୍ଲିଅର୍ ଲାଇଟ୍ ଅଫ୍ ଡେ'ର ଲେଖିକା ଅନିତା ଦେଶାଇ ଥିଲେ ଜଣେ ମାର୍ଗଦର୍ଶିକା । ତାଙ୍କ ଝିଅ କିରଣ ଦେଶାଇ 'ଦି ଇନ୍‌ହେରିଟାନ୍ସ ଅଫ୍ ଲସ୍' ଉପନ୍ୟାସ ରଚନା କରି ୨୦୦୭ ମସିହାରେ ମାତ୍ର ୩୫ବର୍ଷ ବୟସରେ ମ୍ୟାନ୍‌ବୁକର୍ ପୁରସ୍କାର ଲାଭକଲେ । ଉପନ୍ୟାସଟିରେ ରହିଛି ୧୯୯୦ ଦଶକ ମଧ୍ୟଭାଗର ବିଶ୍ୱୀକରଣ ବା ଭୂମଣ୍ଡଳୀକରଣ, ଆତଙ୍କବାଦ ଓ ଅପ୍ରବାସର କାହାଣୀ । ଯେତେବେଳେ ଅମିଶ୍ ତ୍ରିପାଠୀଙ୍କ ପ୍ରଥମ ଉପନ୍ୟାସ ଓ ଶିବ ଉପନ୍ୟାସତ୍ରୟୀର ପ୍ରଥମ ପୁସ୍ତକ 'ଦି ଇମୋର୍ଟାଲ୍ସ ଅଫ୍ ମେଲୁହା' ୨୦୧୦ ବର୍ଷରେ ପ୍ରକାଶ ପାଇଲା, ଭାରତୀୟ ଇଂରାଜୀ ଲେଖାରେ ଗୋଟେ ନୂଆ ଧାରା ବା ପ୍ରବାହର ପ୍ରଚଳନ ହେଲା - ପୌରାଣିକ ଉପନ୍ୟାସ । ଚେତନ ଭଗତଙ୍କ ସହିତ ସେ ମଧ୍ୟ ଥିଲେ ଇଂରାଜୀରେ ଲୋକପ୍ରିୟ ଲେଖାଗୁଡ଼ିକୁ ବ୍ୟବସାୟିକ ଦୃଷ୍ଟିରୁ ଯୋଗ୍ୟ କରିବା ଦିଗରେ ଜଣେ ମୁଖ୍ୟ ସଂଚାଳକ । ଉପରୋକ୍ତ କଥାକାରମାନଙ୍କ ଉପନ୍ୟାସ ଓ ଗଳ୍ପଗୁଡ଼ିକରେ ପରିସ୍ଥିତି, ଘଟଣା ଓ ଚରିତ୍ରମାନଙ୍କୁ ଖାପଖୁଆଇଲା ଭଳି ଶବ୍ଦ ପ୍ରୟୋଗ କରାଯାଇଛି । ଚରିତ୍ରମାନେ ପରସ୍ପର ସହିତ କଥା ହେଲାବେଳେ କିମ୍ବା ପରିସ୍ଥିତି, ଘଟଣା ପ୍ରତି ପ୍ରତିକ୍ରିୟା ପ୍ରକାଶ କଲାବେଳେ ସେମାନଙ୍କ ସ୍ୱରରେ ଯଥାର୍ଥ ଆବେଗ ଭରି ରହିଛି । ଉପନ୍ୟାସ କିମ୍ବା ଗଳ୍ପଟିଏ ଚଳଚ୍ଚିତ୍ରରେ ରୂପାୟିତ ହେଲେ ସଂଳାପ ଓ ସଙ୍ଗୀତଗୁଡ଼ିକରେ ଶବ୍ଦ ଓ ସ୍ୱରର ସମାନୁପାତିକ ଗୁରୁତ୍ୱ ରହୁଛି । ପାଠକ, ଦର୍ଶକ ଓ ଶ୍ରୋତାମାନଙ୍କୁ ସେହି ବାର୍ତ୍ତା ପ୍ରଦାନ କରୁଛି ପାୟଲ୍ କାପାଡ଼ିଆଙ୍କ ୨୦୨୪ ବର୍ଷର 'ଅଲ୍ ଉଇ ଇମାଜିନ୍ ଆଜ୍ ଲାଇଟ୍' ଚଳଚ୍ଚିତ୍ରଟି । ସ୍ୱାଧୀନତୋତ୍ତର ଭାରତର ସୃଜନ ସାହିତ୍ୟ ଓ କଳା କ୍ଷେତ୍ରରେ ଶବ୍ଦ ଓ ସ୍ୱରର ଏପରି ପ୍ରଭାବ ସତରେ ଅତ୍ୟନ୍ତ ଯାଦୁକରୀ ଓ ଚୁମ୍ବକୀୟ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ



ପ୍ରଭାତ କୁମାର ମହାପାତ୍ର



## ପରିବର୍ତ୍ତନ

ସକାଳ ନଅଟାରୁ ମନ୍ଦିରରୁ ଫେରି ରାଘବ ଦେଖିଲା, ଶୁଭ୍ରା ଏବେ ମଧ୍ୟ ସେହି ବାଥ୍‌ରୁମ୍‌ରେ ବସି ଗାଧୋଉଛି । ରାଘବର ରାଗ ସିଧା ପଞ୍ଚମରୁ ସପ୍ତମ ଯାଏ ପହଁଚିଗଲା । ରାଗ ତମ ତମ ହୋଇ ବାଥ୍‌ରୁମ୍ କବାଟକୁ ଜୋର୍ ଜୋର୍ କରି ବାଡ଼ାଇ କହିଲା, କଣ ଆଜି ଦିନ ସାରା ଗାଧୁଆ ଚାଲିଥିବ କି ? ମୁଁ ଆଜି ଅଫିସ୍ ଜଲ୍‌ଦି ଯିବି ବୋଲି ତୁମେ ଜାଣିଛ ନା ନାହିଁ ? ଶୁଭ୍ରା ମନେ ମନେ ବିରକ୍ତି ହେଲା, କେଉଁଠି ହେଲେ ମୋତେ ଶାନ୍ତି ନାହିଁ ! ଦିନସାରା ଏଇଟା କରି ଦିଅ... ସେଇଟା କରି ଦିଅ... ଆରେ ମୁଁ ବି ତ ଜଣେ ମଣିଷ !

ଶୁଭ୍ରା ନିଷ୍ପତ୍ତି ନେଇ ସାରିଥିଲା ଆଜି ଯେମିତି ହେଉ ସେ ଆରାମ୍‌ରେ ଗାଧେଇବ । ଅଟା ଚକଟି ତା ସାଙ୍ଗକୁ ଭେଣ୍ଡି କଟା କଟି କରି ହିଁ ସେ ଗାଧୋଇବାକୁ ଯାଇଥିଲା । ଏମିତି ନାହିଁ ଯେ, ରାଘବକୁ ରୋଷେଇ ଆସେନାହିଁ, ହଷ୍ଟେଲ୍‌ରେ ପାଠ ପଢୁଥିବା ସମୟରେ ସେ ଏସବୁ କାମ ଖୁବ୍ ସୁନ୍ଦର ଭାବରେ କରୁଥିଲା । କିନ୍ତୁ ବିବାହ ପରେ ଏସବୁ ରୋଷେଇ କାମ କରିନାହିଁ କିମ୍ବା କରିବା ପାଇଁ ଚେଷ୍ଟା ମଧ୍ୟ କରିନାହିଁ !

ଶୁଭ୍ରା ବାଥ୍‌ରୁମ୍ ଭିତରେ ଭାବୁଥିଲା, ରାଘବର ସକାଳ କେତେ ଆରାମ୍‌ରେ ବିତି ଯାଉଛି ! ଏଇ ଯେମିତି ସକାଳୁ ଉଠି ଚା କପେ ପି ଦେଇ ମର୍ଣ୍ଣିଂୱାକ୍ କରି ଗାଧୁଆ ପାଧୁଆ ସାରି ମନ୍ଦିରକୁ ଯାଇ ଅଧଘଣ୍ଟା ବିତେଇ ଘରକୁ ଫେରୁଛି ଆଉ ତାର ସକାଳ କେବଳ ରାଘବର ଟାର୍‌ଗେଟ୍ ପୂରଣ କରୁ କରୁ ଶେଷ ହୋଇଯାଉଛି ! ରାଘବକୁ ବ୍ୟବସ୍ଥିତ ଘର ଖୁବ୍ ପସନ୍ଦ କିନ୍ତୁ ସେ ନିଜେ ଘରର କୌଣସି କାମରେ ହାତ ଦେବାକୁ ନାରାଜ୍ ।

ଆଜି କାହିଁକି କେଜାଣି ଶୁଭ୍ରାର ମନ ବାଥ୍‌ରୁମ୍ ଭିତରୁ ନ ଆସିବା ପାଇଁ ଇଚ୍ଛା କରୁଥିଲା ! ରାଘବର ଚିଡଚିଡା ପଣ ଏବେ ବି ସ୍ପଷ୍ଟ ବାରି ହୋଇପଡୁଥିଲା । ମଝିରେ ମଝିରେ କ୍ରୋଧରେ କଣ କଣ କହି ଦେଉଥିଲା ! ପନ୍ଦର ମିନିଟ୍ ପରେ ଯେତେବେଳେ ଶୁଭ୍ରା ବାଥ୍‌ରୁମ୍ ଭିତରୁ ବାହାରକୁ ଆସି ଦେଖେ ତ ରାଘବ ଆଚାର ସହ ନିଜ ଟିଫିନ୍ ଧରି ଅଫିସ୍‌କୁ ଚାଲି ଯାଇଥିଲା । ଭେଣ୍ଡି ଯେମିତିକୁ ସେମିତି କଟା ହୋଇ ରହିଥିଲା । ଶୁଭ୍ରା ଭାବିବାକୁ ଲାଗିଲା, ଏତେ ସମୟ ପର୍ଯ୍ୟନ୍ତ ଏଠି ଖାଲି ବକର ବକର ନ ହୋଇ ଯଦି ଭେଣ୍ଡି ଭାଜି ଦେଇପାରିଥାନ୍ତେ, ତେବେ ଅନ୍ତତଃ ସେ ଅଫିସ୍‌କୁ ନେଇ ପାରିଥାନ୍ତେ ।

ତା ପର ଦିନ ମଧ୍ୟ ରାଘବର ଏପରି କାର୍ଯ୍ୟକଳାପ ଜାରି ରହିଲା କିନ୍ତୁ ସେଥିରେ ସାମାନ୍ୟ ପରିବର୍ତ୍ତନ ଦେଖାଗଲା । ଶୁଭ୍ରା ବାଥ୍‌ରୁମ୍‌ରୁ ବାହାରି ଦେଖିଲା ଆଜି ରାଘବ ନିଜେ ଅତି ସୁନ୍ଦର ଭାବେ ଆଳୁ ଭଜା କରି ଅଫିସ୍ ଯାଇଛି । ସତରେ ଖୁବ୍ ବଢିଆ ଲାଗିଥିଲା ତାର ହାତ ତିଆରି ଖାଦ୍ୟ । ଶୁଭ୍ରାର ଆଖିରେ କିଛି ନୂଆ ଚମକ ଦେଖାଗଲା । ସେ ମନେ ମନେ ଭାବୁଥିଲା, କିଛି ବଡ ପରିବର୍ତ୍ତନ ପାଇଁ ମନୁଷ୍ୟକୁ ବେଳେ ବେଳେ କଠୋର ହେବାକୁ ହିଁ ପଡ଼ିଥାଏ ।

ଏବେ ଆଉ ପୂର୍ବ ଭଳି ଶୁଭ୍ରାକୁ କିଛି ରୋଷେଇ କରିବାକୁ ପଡୁନାହିଁ । କାରଣ ରାଘବ ଜାଣି ସାରିଲେଣି ଯେ ଶୁଭ୍ରା ଆଉ ରୋଷେଇ କରିବ ନାହିଁ । ତେଣୁ ସବୁ ଦିନ ଏବେ ନିଜେ ରୋଷେଇ କରି ସେଥିରେ ସେ ଖୁବ୍ ଆନନ୍ଦ ମଧ୍ୟ ପାଉଛି । ଏହା ତାହାର ଦୈନନ୍ଦିନ କାର୍ଯ୍ୟ ପାଲଟି ଗଲା । ବର୍ତ୍ତମାନ ଶୁଭ୍ରାକୁ ଟିକିଏ ଆଶ୍ୱସ୍ତି ମିଳିଛି । ସବୁ ଠାରୁ ବଡ କଥା ହେଲା, ରାଘବର ଏଭଳି ପରିବର୍ତ୍ତନ ଦେଖି ଶୁଭ୍ରା ଖୁବ୍ ଆନନ୍ଦିତ । ଅନେକ କାମ ମଧ୍ୟରୁ ସକାଳ କାମଟି ତା ପାଇଁ ଟିକିଏ ହାଲୁକା ହୋଇଯାଇଥିଲା । ଆଉ ରାଘବ ମଧ୍ୟ ଶୁଭ୍ରା ଉପରେ ପୂର୍ବ ଭଳି ନ ରାଗି ବରଂ ତାର ପ୍ରତ୍ୟେକ କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ଆଗଭର ହୋଇ ଉଠିଲା । ରାଘବ କ୍ରମେ ବୁଝି ପାରୁଥିଲା, ଯେ ଉଭୟଙ୍କ ସହଯୋଗିତାରେ ହିଁ ସଂସାର ଜୀବନ ଆଗକୁ ବଢ଼ିପାରିବ । ଦୁଇ ଜଣ ସ୍ୱାମୀ ସ୍ତ୍ରୀ ଏବେ ଖୁବ୍ ଖୁସିରେ ନିଜ ଜୀବନ ନେଇ ଖୁବ୍ ଖୁସିରେ କାଳାତିପାତ କରୁଛନ୍ତି ।

*ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠ, କୋରାପୁଟ*
*ମୋ-୭୮୯୪୦୦୫୪୫୫*



## ସ୍ମୃତିର ପ୍ରାଚୀର ଡେଇଁ

**ଶରତ ଦାଶ**

ଲେସହୋଇ ଯେବେ ଫେରିଆସେ ମନ
ପ୍ରେମିକାର ସ୍ମୃତି ଡେଇଁ
ଉଦାସପଣରେ ବୁଡ଼ିଯାଏ ଆତ୍ମା
ନିରାଶାମଥାନ ଛୁଇଁ
ଖଟା ମିଠା କେତେ ଘଟିତ ଘଟଣା
କାହାଣୀର ରୂପ ନେଇ
କ୍ଷଣକେ ହସାଇ କ୍ଷଣକେ କନ୍ଦାଇ
ନଦୀ ହୋଇ ଯାଏ ବହି
ନିଶବ୍ଦେ ଶୁଭଇ ବିଗତ ପ୍ରେମିକା
ମଧୁଝରା ମିଠା କଥା
ତୁମେ ମୋ ଜୀବନ ବୋଲି କହୁଥିଲା
ଲୋତକେ ଝରାଇ ବ୍ୟଥା
କରିଥିଲା ପଣ ମୋ ବିନା କାହାକୁ
କରିବନି କେବେ ପ୍ରେମ
ଜିଇବ ସାଥୀରେ ମରିବ ସାଥୀରେ
ହେଲେ ହେଉ ବିହି ବାମ
ଭାବପ୍ରବଣତା ସବୁ ହେଲା ବୃଥା
କଳ୍ପନାର ଇନ୍ଦ୍ରଜାଲ
ଛିଡିଗଲା ଆହା କେତେ ସହଜରେ
ନକହିବା ଏବେ ଭଲ
କେତେ ସ୍ୱପ୍ନ ଆଜି ନେଲାଣି ସମାଧି
ସମୟର ସିକତାରେ
କେତେ ଚିହ୍ନାମୁହଁ ହେଲାଣି ଅଚିହ୍ନା
ବୟସର ପ୍ରଭାବରେ
ଭବିଷ୍ୟତ ପଥ ହେଲାଣି ସୀମିତ
ଯୌବନ ଗଲାଣି ଦୂରେ
ସ୍ମରଣ ଦୁର୍ବଳ ପଡେନାହିଁ ମନେ
ନାମ ଗ୍ରାମ ସମୟରେ
ଇନ୍ଦ୍ରୀୟ ଶିଥିଳ ଦେହ ହୀନବଳ
ଆୟୁଷ ହେଲାଣି କ୍ଷୟ
ତଥାପି ଅନ୍ଧାର ହୋଇନି ସଂପୂର୍ଣ୍ଣ
ଅସ୍ତାଚଳ ରଙ୍ଗମୟ
ଆଶାର ପ୍ରଦୀପ ଜଳୁଛି ଏବେ ବି
ବାସୁଛି ଚନ୍ଦନ ମଲ୍ଲୀ
କରିଛି ପ୍ରତୀକ୍ଷା କେବେ ଦାମୋଦର
ଆସିବେ ଦୁଆର ଖୋଲି ।

*ଭୁବନେଶ୍ୱର*

## ମଗୁଶିର ଗୁରୁବାର

**ପ୍ରଶାନ୍ତ କୁମାର ନାଥ**

ପ୍ରତି ଗୁରୁବାର ନିଆରା ଲାଗଇ
ମଗୁଶିର ଯେବେ ଆସେ
ସକାଳ ହୋଇଲେ କି ସୁନ୍ଦର ଆହା
ଚନ୍ଦନ କର୍ପୁର ବାସେ
ଲକ୍ଷ୍ମୀ ପାଦପଦ୍ମ ଅଙ୍କା ହୋଇଥାଏ
ମାଆଙ୍କର ଆବାହନୀ
ପ୍ରାତଃ ସକାଳରେ କାନରେ ବାଜଇ
ସୁମଧୁର ଶଙ୍ଖ ଧ୍ୱନି
ଗୋବର ପାଣିରେ ଲିପାପୋଛା ହୋଇ
ଅଗଣା ଆନନ୍ଦେ ହସେ
ପ୍ରତି ଗୁରୁବାର ନିଆରା ଲାଗଇ
ମଗୁଶିର ଯେବେ ଆସେ
ଧାନର ଜଟକୁ ସଜେଇ ଭକ୍ତିରେ
ପୂଜୁଥାନ୍ତି ନୂଆ ମାଣ
ମନ ମୁଗ୍ଧ ହୁଏ ଖାଇଦେଲେ ଥରେ
ସାତ୍ତ୍ୱିକ ଆହାର ଜାଣ
ମାଟିର କାନ୍ଥରେ ଝୋଟି ଚିତା ପଡି
କେତେ ମନୋରମ ଦିଶେ
ପ୍ରତି ଗୁରୁବାର ନିଆରା ଲାଗଇ
ମଗୁଶିର ଯେବେ ଆସେ
ଲକ୍ଷ୍ମୀ ପୁରାଣର ପଠନେ ଶ୍ରାବଣେ
ମନଟି ପବିତ୍ର ହୁଏ
ମଗୁଶିର ମାସ ଗୁରୁବାର ହେଲେ
ସେ ନିଶ୍ଚେ କାନକୁ ଛୁଏଁ
କି ସୁନ୍ଦର ସତେ ମଜ୍ଜି ରହୁଥାନ୍ତି
ଲକ୍ଷ୍ମୀପ୍ରେମ ମିଠା ରସେ
ପ୍ରତି ଗୁରୁବାର ନିଆରା ଲାଗଇ
ମଗୁଶିର ଯେବେ ଆସେ ।

*ସୁନ୍ଦରପୁର, ଉତ୍ତରକୂଳ ହାଟ, ପ୍ରୀତିପୁର, ଯାଜପୁର-୭୫୫୦୧୩*

## ବିକାଶ

**ମୀନକେତନ ପଶାୟତ**

ବିକାଶର କଥା ପଢୁପଢୁ
ପାହାଡ ମଥାନରେ ଥିବା ଗାଁ ଟି
ଜୁଲୁଜୁଲୁ କରି ଅନାଏ

ପଥର ଫାଟରେ
ଝରି ପଡୁଥିବା ପାଣିରୁ
ଦି ଢୋକ ପିଇ
ଡଙ୍ଗରିଆ କନ୍ଧଟେ କହେ
ମୁଁ ସ୍ୱାଧୀନ
ଯଦି ବି
ପରିବର୍ତ୍ତନର ରଙ୍ଗ
ନା ଥାଏ ତା ପୁଙ୍ଗୁଳା ପାଦରେ
ନା ତା ଲେଙ୍ଗୁଟିରେ
ନା ତା ମଥାର ଠେକାରେ

ବଣ ପାହାଡ଼ର ମଣିଷ ସିଏ
ପଥରର କୋଳରେ ଜନ୍ମ
ଯୁଝନ ବି ପଥରରେ
ତାକୁ କଣ ଜଣା
ତ୍ରିରଙ୍ଗାର ବୟସ
କିଏ ମହାତ୍ମା
କଣ ଜାତୀୟ ସଙ୍ଗୀତ
କେମିତି ଦିଶେ ପ୍ରଗତିର ରଥ

ତା ପାଇଁ ତ ରାହା
ନୀରବ ପାହାଡ଼ର କଥା
ପ୍ରକୃତିର ଗହନ ଗରିମାର ଗାଥା

ପାହାଡ ତଳ
ଆଉ ପାହାଡ ଉପର
ମଝିରେ ବ୍ୟବଧାନ
ଖାଲଢିପ ଅଙ୍କାବଙ୍କା ପ୍ରଲମ୍ବିତ
ସତସ୍ତରୀ ଟାଙ୍ଗରା ପାହାଚ

ଭୂମିଜନଙ୍କ ପାଦତଳେ
ଝଲସୁଥିବା ବିକାଶର ଆଲୁଅ
କେବେ ବି ଛୁଇଁ ପାରେନି
ଗିରିଜନଙ୍କ ମଥାନ

ହାତ ବଢାଇଲେ
ହଲଚଲ ହୁଏ
ପାହାଡ଼ର ଅନ୍ତଃପୁର
ନାସାପୁଟରେ ବାରି ହୋଇ ପଡ଼େ
କୋଉ କମ୍ପାନୀର ଚୁକ୍ତି ଭିତ୍ତିକ ଦୁର୍ଗନ୍ଧ

ବିକାଶ କଣ ଆସିପାରେ ?
ତା ଛାତିର ଅନନ୍ୟ ସବୁଜିମାରେ
ପୂର୍ଣ୍ଣଚ୍ଛେଦ ଟାଣି
ନା ତା ନାଭିର
ମହାର୍ଘ କସ୍ତୁରିରେ
ବାରୁଦର ଗନ୍ଧ ଖେଳେଇ

ବିକାଶ କଣ ଆସିପାରେ ?
ଏ ମାଟି, ଏ ପାଣି
ଏ ପାହାଡ, ଏ ପରବତ
ଏ ଅରଣ୍ୟ ସବୁକୁ ବନ୍ଧା ପକେଇ
ଏପରି କି ନିଜକୁ ବି ।

*କ୍ୱା.ନ.-ଏଫ୍.ଏଲ.-୧୧, ବାସନ୍ତୀ ନଗର, ରାଉରକେଲା-୧୨*
*ମୋ-୯୯୩୭୮୭୭୫୨୯*

## ପଣତ

**ଶୁଭଦର୍ଶିନୀ ଦାଶ**

ସ୍ନେହ ମମତା ପ୍ରୀତିର ଅତର ବୋଳି
ନାରୀ ଅହଂ ଅସ୍ମିତାକୁ ଜାବୁଡି ଧରିଛି
ତା ବିନା ଅସମ୍ପୂର୍ଣ୍ଣ ସତେ
ସଂପୂର୍ଣ୍ଣାର ଷୋଳ ଶୃଙ୍ଗାର
ସାଥି ସିଏ ନିରବ ନିବିଡ଼
ନିସର୍ଗେ ଭିଜିଥାଏ
ମନ ମୌସୁମୀର ଧାର ଧାର ଲୁହ ବର୍ଷାରେ
ଗଣ୍ଠି ପକାଇ ରଖିଦିଏ
କେଜାଣି କେତେ ଭାବ ବିହ୍ୱଳ
ଅଣ୍ଟାରେ ଥରେ ଗୁଡ଼ାଇଦେଲେ
ଅସାଧ ପାଇଁ ପୁଣି ଜୁଟାଇଦିଏ ବଳ
ନାରୀରୁ ନାରାୟଣୀ
ସତେ ଅବା ଆଶୀର୍ବାଦ ତାହାର

ନବବଧୂର ବଉଳ ପାଟରେ
ନାଲିଧଡିଆ ପଣତ ସାଙ୍ଗକୁ
ମଥାରେ ସିନ୍ଦୁର ଟୋପା
ସତେକି ଶୋରିଷ କ୍ଷେତରେ
ସାଧବ ବୋହୂର ଆଭା
ମାଆର ପଣତ, ପଣତ ନୁହେଁ ସେତ
ଭାବ ଆବେଗର ଠିକଣାଟିଏ
ଭିନ୍ନ ବାସ୍ନାରେ ସଦା ମହକୁ ଥାଏ
ଯାହା ହୃଦୟକୁ କରେ ମହକିତ
ଓଦା ହେଉ ଅବା ଭୟର ଭନକ
ଖୋଜି ଖୋଜି ହାତ ଆମ ସେଇଠି
ଅଟକି ଯାଏ ।

*ଭୁବନେଶ୍ୱର*
*ମୋ-୮୨୮୦୩୧୧୦୦୦*

## ଥିଲୁ ତୁ, ଅଛୁ ଆଉ ଥିବୁ

**ରାଜଶ୍ରୀ ରଞ୍ଜିତା ହରିଚନ୍ଦନ**



ମୁଁ ଜାଣେ,
ଅର୍ବୁଦ ଦିନର ନିରବତା ପରେ
ତୁ ଖୋଜିନେଲୁ ମୋତେ,
ଜାଣିନଥିଲି,
ଏମିତି ବି ହେଇପାରେ,
କିଏ ଜଣେ ମୋ ସାଙ୍ଗରେ
ଅହୋରାତ୍ର ଥାଏ

ଏମିତି ହୋଇଥିବ,
ତୋତେ ଅନେକ ଯାଚିଥିବେ
ନିଜ ନିଜ ଭୂଗୋଳ,
ଅବତଳ, ଉତ୍ତଳ, ସମତଳ
ତ୍ରିଭୂଜ, ବହୁଭୂଜ, ରଶ୍ମି କି ରେଖାଖଣ୍ଡ
ଅଜାଡ଼ି ଦେଇଥିବେ
ତଥାକଥିତ ନିରୁତା ପ୍ରେମ

ଲାଉ ହୋଇଥିବେ ତୋ ପିଠିରେ
ତୁ ନ ଚାହିଁ ବି
ଖୋଲି ଦେଇଥିବେ ପୃଷ୍ଠା ପରେ ପୃଷ୍ଠା
ଅତୀତ ଇତିହାସ,
କହିଥିବେ, ଏଇନା ପାଇଗଲେ ଜୀବନ୍ୟାସ !

ଏ କଥା ବି ଜାଣେ
ଯେ ତୁ ହିଁ ନ ଭରି ବି
ଆଙ୍କିବାକୁ ଦେଇଥିବେ
ଜୀବନ ଜ୍ୟାମିତି,
ତୁ ଆଙ୍କୁ ଆଙ୍କୁ ହୁଏତ
ଫେରି ପଡ଼ିଥିବୁ ହୋଇ
ଉଦାସ ନିରସ,
ଖୋଜିଥିବୁ ମୋତେ
ଅନେଇଥିବୁ ମୋ ବାଟକୁ
ଖୋଜିଥିବୁ ଜୀବନର ଅସଲ ସରସ

ମୁଁ ଭଲଭାବେ ଜାଣେ
ତୋ ନିରବତାର ପ୍ରତିକ୍ରିୟା,
ମୋତେ ପାଇଲା ପରେ
ବହୁବାର କ୍ଷତ ବିକ୍ଷତ ହୋଇ
ବିନା ଅଗ୍ନିରେ ଜଳିଥିବା
ହୃଦୟର କୁଞ୍ଜବନକୁ
ଫୁଲ ଫଳରେ ସଜାଡି ଦେଇଥିବୁ,
ଆହୁରି ମୋ ଅପେକ୍ଷାରେ ହିଁ ଥିବୁ !

ସାତଜନ୍ମ ପାଇଁ ତୁ ମୋର
ଆଉ ମୁଁ ତୋର ସାଥୀ,
କିଛି ହିଁ ଲୋଡାନାହିଁ ତୋ ଠାରୁ
ଲୋଡା ଖାଲି ଆଞ୍ଜୁଳାରେ
ଆଞ୍ଜୁଳାଏ ବେଧଡକ ପ୍ରୀତି,
ହଁ, ତୁ ମୋ ସାତଜନ୍ମର ଜୀବନସାଥୀ !

*ଅଡାଲ, ବଡାଲ, ନିରାକାରପୁର, ପୁରୀ*

## ଶୀତ ଗୀତ

**ସୁଦର୍ଶନ ମହାପାତ୍ର**



କୁହୁଡି ଚାଦର ଘୋଡି ହେଲା ଧରା
ଚଉଦିଗ ଫିକା ଫିକା
ତୁମେ ନାହଁ ବୋଲି ଶୀତ ଅନ୍ତାକ୍ଷରୀ
ଗାଉଛି ମୁଁ ଏକା ଏକା

ମୋତି ଫୁଲର ସେ କାକର ଆକାଶୁ
ପଡେ ଯେବେ ଏବେ ଝରି
ତୁମ ହାତଲେଖା ପହିଲି ଚିଠିକୁ
ପଢ଼ି ହେଉଥାଏ ଘାରି

ଭିଜା ଘାସ ପରେ କଅଁଳ ସୂରୁଜ
ପକାଇଲାଣି ତା ପାଦ
ଦେଖିବାକୁ ତୁମ ଆଖି ତଳେ ବନ୍ଧା
ସକାଳ ଅଳସୀ ନିଦ

ସୋରିଷ କିଆରି ହିଡ ପରେ ବୁଲି
ଶୀତ ଗାଇଲାଣି ଗୀତ
ତୁମରି ସ୍ମୃତିରେ ମତୁଆଲା ମନ
ହୋଇଯାଏ ଏବେ ପ୍ରୀତ

ଖରା ପୋଇଁବାର ବାହାନାରେ ଶୀତ
ଚୋରା ଚାହାଣିରେ ଠିଆ
ତୁମେ କି ଭୁଲିଲ ସେଇ ଲୁଚଛପା
ସ୍ନେହ ପ୍ରୀତି ଦିଆନିଆ

ମନ ବଗିଚାରେ ଶାଶ୍ୱତୀ ଶେଫାଳି
ଫୁଟି ଝଡୁଥାଏ ନିତି
ଏ ଶୀତ ରାତିରେ ସପନ ଭାଙ୍ଗିଲେ
ଝୁରି ହୁଏ ତୁମ ପ୍ରୀତି

ଶୀତ ଫିଁ' ସନ ଆସୁଛି ଆସିବ
କେ କରିବ ତାକୁ ମନା
ତୁମେ ନାହଁ କିନ୍ତୁ ଶୀତ ଆସି ଯାହା
କରେ ମୋତେ ଆନମନା ।

*କୁଞ୍ଜବିହାରୀ ଲେନ, କଟକ*



## ନିଜ ପାଇଁ

**ସ୍ନିଗ୍ଧା ପଣ୍ଡା**

ସମସ୍ତେ ନିଜ ପାଇଁ କିଛି ଖୋଜନ୍ତି
ନିଜ ପାଇଁ ଗଛ ଖୋଜେ ପାଣି ଆଉ ଆଲୁଅ
ବଢିବାକୁ, ଫୁଟିବାକୁ, ଫଳିବାକୁ
ନିଜ ପାଇଁ ନଈ ଖୋଜେ ଗଡାଣି
ଆଗକୁ ଆଗକୁ ବହିଯିବାକୁ
ନିଜ ପାଇଁ ଜହ୍ନ ବି ଖୋଜେ ସୁରୁଜ
ପ୍ରକାଶ ହେବାକୁ
ନିଜ ପାଇଁ ସେ କିନ୍ତୁ ଖୋଜେ ନାହିଁ କିଛି
ତମେ ଯାହା ଚାହଁ ତା' ହିଁ ଚାହେଁ
ତମେ ଯାହା ଖୋଜ, ତା' ହିଁ ଖୋଜେ
କେବେ ହେଲେ ନିଜ ପାଇଁ ନୁହେଁ

ତମ ଇଛାରେ
ଖାଇବାକୁ ଇଛା ନଥିଲେ ବି ଖାଏ
ତମ ଇଛାରେ ବି ନଖାଇ ସେମିତି ରହିଥାଏ
ତମ ଇଛାରେ ଚାଲେ
ତମ ଇଛାରେ ଭୁଲେ
ତମ ଇଛାରେ କାଢି ପକାଏ ବାସ ବେଶ ଆଭୂଷଣ
ତମ ଇଛାରେ ଢାଙ୍କିଥାଏ ନିଜଠି
ପ୍ରସ୍ତ ପ୍ରସ୍ତ ଅନ୍ଧାରର ମହଲଣ

ଘରେ ଥାଏ ତମ ପାଇଁ
ହସେ ତମ ପାଇଁ
ତମର ଯାବତ ଅଦଉତି ଆଗରେ
ନିଜର ଆତ୍ମା ଅଛି ବୋଲି ଭୁଲିଯାଏ
ସମସ୍ତେ ତାକୁ ନାରୀ କହନ୍ତି
ହେଲେ
ତମ ଇଛାକୁ ସୁହେଇଲା ପରି
ତା'ଠାରୁ ଭଲ ପୋଷା ଜୀବ ଆଉ କିଏ
ଯାହାର ନିଜପାଇଁ କିଛି ହିଁ ନ ଥାଏ ??

*ମୋ-୯୮୬୧୩୨୩୬୫୦*



## ଶୀତ ଗୀତଗାଏ

**ରମାକାନ୍ତ ଦାସ**

ଶୀତ ଗୀତଗାଏ
କୁହୁଡି ଖରାରେ
ଶୀତଳ ପବନ ଦେଇ
ଶୀତ ଗୀତଗାଏ
ଗଙ୍ଗଶିଉଳିର
ମଧୁର ମହକେ
ଚଉଦିଗ ମହକାଇ

ଶୀତ ଗୀତଗାଏ
ଧାନ କିଆରିରେ
ଶିଶିର ମୁକୁତା ଥୋଇ
ଶୀତ ଗୀତଗାଏ
ଘର ଅଗଣାରେ
ଦେହକୁ ଦିଏ ଥରାଇ

ଶୀତ ଗୀତଗାଏ
କୁହୁଡ଼ି ଚାଦରେ
ପତରୁ ଝରଇ
ମୁକୁତା ବିନ୍ଦୁ
ଶୀତ ଗୀତଗାଏ
ବରଫ କଣାରେ
ସଜାଇ ତଟିନୀ ସିନ୍ଧୁ

ଶୀତ ଗୀତଗାଏ
ବାଡି ବଗିଚାରେ
ସୋରିଷ ଫୁଲ ମହକଇ
ଶୀତ ଗୀତଗାଏ
ପୋଖରୀ ତୁଠରେ
ଶୀତଳ ପବନ ଯାଏ ବହି

ଶୀତ ଗୀତଗାଏ
ଘାସ ଗାଲିଚାରେ
କୁହୁଡ଼ିର ଆସ୍ତରଣେ
ଶୀତ ଗୀତଗାଏ
ଗାଆଁ ଗଛମାଳେ
ସୁରୁଜ ଆଲୋକ ବୁଣେ ।

*ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର*
*ମୋ- ୯୬୬୮୮୧୫୩୬୯*

## ଆଞ୍ଜୁଳାଏ ଦାମ୍ପତ୍ୟ ଗୀତି

**ସୁଜିତ କୁମାର ମିଶ୍ର**

ବୁଝାମଣା
ଫାଟ ଯେତେ ବଡ ହେଉନା କାହିଁକି
ଯୋଡ଼ିଦିଏ ବୁଝାମଣା,
ପୁଣି ନିରନ୍ତର ହୃଦୟକୁ ଜିଣେ
ଦାମ୍ପତ୍ୟର ପ୍ରେମବୀଣା

ତ୍ୟାଗ
ତ୍ୟାଗ ଯଦି ସ୍ୱତଃ ସଳିତା ହୁଅଇ
ସ୍ୱାର୍ଥ ବିନା ସବୁଦିନେ,
କୁଳୁକୁଳୁ ନାଦେ ଝରଣା ବହଇ
ଦୁଇମନେ ପ୍ରତିକ୍ଷଣେ

ସମ୍ମାନ
କେହି ନୁହେଁ ବଡ କେହି ନୁହେଁ ସାନ
ମୁଦ୍ରାର ଦୁଇଟି ପଟ,
ଶୁଭଦୃଷ୍ଟି ଯଦି ପରସ୍ପର ପ୍ରତି
ନିତି ଫଗୁଣର ହାଟ

ସହଯୋଗ
ହାତ ବଢେଇଲେ ହଜାରେ ଦୁଃଖରେ
ମୁହେଁ ସଜଫୁଟା ଫୁଲ,
ଅସହଯୋଗରେ ଅକଥନୀୟ ଯେ
ଯନ୍ତ୍ରଣାର ନିଆଁଝୁଲ

ମିଠାଶବ୍ଦ
ବାଣୀ ତୁମ ଯଦି ହୁଏ ବାସଫୁଲ
ଅଗଣାରେ ମହୁଫେଣା,
ଝଡ ଆସିଲେ ବି ସିଏ ତା ବାଟରେ
ମନ ହେବ ନାହିଁ ଉଣା

କାମନା
ଦୁଇ ତରୁ ଡାଳେ ନିର୍ମାଣ ହୋଇଲେ
ନିର୍ମଳ ପ୍ରେମର ବସା,
ସେ ବସା ହୁଅଇ ବାଇ ଚଢେଇର
ଝରି ନିତି ସୁଖ ବର୍ଷା ।

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ମୋ-୭୬୮୩୮୬୭୭୪୨*





## କହୁଥିଲା ଆଖି...

**ଲକ୍ଷ୍ମୀପ୍ରିୟା ଦୃଷ୍ଟି**

କହୁଥିଲା ଆଖି ସୁଖର ସମ୍ପତ୍ତି
ସାଇତାର ଗୁପ୍ତକଥା
କୁହୁକ ହସରୁ ବାରି ହେଉଥିଲା
ବରଷାର ମହୁଛିଟା
ପ୍ରଜାପତି ମନ ଅଦିନ ଫଗୁଣ
ଫୁଲର ପଣତ ଦେଖି
ହାଲ୍କା ହିଲ୍ଲୋଳରେ ନିଜକୁ ଭିଜେଇ
ଆଖି କଲା ମିଟି ମିଟି
ଶ୍ରାବଣ ବତୁରା ଅଦେଖା ମନରେ
ସୃଜି ସପନର ଗାଥା
କହୁଥିଲା ଆଖି ସୁଖର ସମ୍ପତ୍ତି
ସାଇତାର ଗୁପ୍ତକଥା
ଅଜଣା ଦରଦ ପେଡ଼ି ଖୋଲି ତାର
ତନୁ ଦରଜା ତା ଛୁଏଁ
ଅଳସୀ ଆଖିରେ ଆଖିଏ ବନ୍ୟା
ଋତୁ ଛୁଇଁଦେଇ ଯାଏ
କି କାହାଣୀ ସଞ୍ଜେ କହୁଥିଲା ସଖୀ
ଶୁଣିଦେଇ ମୁଣ୍ଡ ବ୍ୟଥା
କହୁଥିଲା ଆଖି ସୁଖର ସମ୍ପତ୍ତି
ସାଇତାର ଗୁପ୍ତ କଥା ।

*ଅଧ୍ୟାପିକା, ଦଶରଥପୁର, ଯାଜପୁର-୭୫୫୦୦୬*
*ଫୋନ୍-୭୩୭୭୩୧୮୭୮୯*

# ଅଣ୍ଡର-୧୯ ଏସିଆ କପ୍ ଫାଇନାଲରେ ଭାରତ




**ୟୁଏଇ**

ଭାରତ ପୂର୍ବରୁ ବାଂଲାଦେଶର ଜୁନିୟର ଟିମ୍ ଶକ୍ତିଶାଳୀ ପାକିସ୍ତାନକୁ ୭ ୱିକେଟରେ ହରାଇ ଫାଇନାଲ ଟିକେଟ ହାତେଇଥିଲା। ଏବେ ଭାରତ ଓ ବାଂଲାଦେଶ ଆସନ୍ତା ରବିବାର ଦିନ ଏସିଆ କପ ଟାଇଟଲ ପାଇଁ ଲଢ଼େଇ କରିବେ।

ୟୁଏଇରେ ଚାଲିଥିବା ଅଣ୍ଡର-୧୯ ଏସିଆ କପ ଫାଇନାଲରେ ଭାରତୀୟ ଟିମ୍। ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ପାକିସ୍ତାନ ଠାରୁ ହାରି ସମସ୍ତଙ୍କୁ ନିରାଶ କରିଥିବା ଯୁବ ଭାରତୀୟ ବାହିନୀ ଏବେ ଟ୍ରଫି ପାଇଁ ଟକ୍କର କରିବ। ସେମି ଫାଇନାଲରେ ମହମ୍ମଦ ଅମନଙ୍କ ଭାରତୀୟ ଟିମ୍ ଶ୍ରୀଲଙ୍କାକୁ ଏକତରଫା ଭାବେ ୭ ୱିକେଟରେ ହରାଇ ଦେଇଛି। ଦଳକୁ ଛକା ମାରି ଅଧିନାୟକ ମହମ୍ମଦ ୧୭୦ ବଲ ପୂର୍ବରୁ ବିଜୟ ଭେଟି ଦେଇଛନ୍ତି।

ଭାରତ ପୂର୍ବରୁ ବାଂଲାଦେଶର ଜୁନିୟର ଟିମ୍ ଶକ୍ତିଶାଳୀ ପାକିସ୍ତାନକୁ ୭ ୱିକେଟରେ ହରାଇ ଫାଇନାଲ ଟିକେଟ ହାତେଇଥିଲା। ଏବେ ଭାରତ ଓ ବାଂଲାଦେଶ ଆସନ୍ତା ରବିବାର ଦିନ ଏସିଆ କପ ଟାଇଟଲ ପାଇଁ ଲଢ଼େଇ କରିବେ। ଶୁକ୍ରବାର ଗୋଟିଏ ଦିନରେ ଦୁଇଟି ଯାକ ସେମି ଫାଇନାଲ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍‌ରେ ବାଂଲାଦେଶ ଓ ପାକିସ୍ତାନ ମୁହାଁମୁହିଁ ହୋଇଥିଲେ। ପ୍ରଥମେ ବ୍ୟାଟିଂ କରୁଥିବା ପାକିସ୍ତାନ ପୂରା ୫୦ ଓଭର ମଧ୍ୟ ଖେଳିବାକୁ ସକ୍ଷମ ହୋଇ ନଥିଲା। ଦଳ ୩୭ ଓଭରରେ ସମସ୍ତ ୱିକେଟ ହରାଇ କେବଳ ୧୧୬ ରନ କରିପାରି ଥିଲା। ଏହାର ଜବାବରେ ବାଂଲାଦେଶ ୨୨.୧ ଓଭରରେ ମାତ୍ର ୩ଟି ୱିକେଟ ହରାଇ ଧାର୍ଯ୍ୟ ଟାର୍ଗେଟକୁ ହାସଲ କରି ନେଇଛି। ପ୍ରଥମ ଦଳ ଭାବେ ବାଂଲାଦେଶ ଫାଇନାଲରେ ପହଞ୍ଚିଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଶ୍ରୀଲଙ୍କା ଓ ଭାରତ ମଧ୍ୟରେ ଟକ୍କର ହୋଇଥିଲା।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ଶ୍ରୀଲଙ୍କା ଟିମ୍ ଭାରତୀୟ ବୋଲରଙ୍କ ସାମ୍ନା କରି ନପାରି ୪୬.୨ ଓଭରରେ ସମସ୍ତ ୱିକେଟ ହରାଇ ୧୭୩ ରନ କରିଥିଲା। ଭାରତ ପକ୍ଷରୁ ଚେତନ ଶର୍ମା ସର୍ବାଧିକ ୩ଟି ୱିକେଟ ନେଇଥିବା ବେଳେ ଆୟୁଷ ମହାତ୍ରେ, କିରଣ କୋରମାଲେ ୨ଟି ଲେଖାଏଁ, ଯୁଦ୍ଧଜିତ ଗୁହା ଓ ହାର୍ଦ୍ଦିକ ରାଜଙ୍କୁ ଗୋଟିଏ ଲେଖାଏ ସଫଳତା ମିଳିଥିଲା।

ଲାଗୁଥିଲା ମ୍ୟାଚ୍‌ରେ ଶ୍ରୀଲଙ୍କା କଡ଼ା ଚ୍ୟାଲେଞ୍ଜ ଦେବ। କିନ୍ତୁ ୧୩ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ନିଜର ଜଲୱା ଦେଖାଇଥିଲେ। ନିକଟରେ ଆଇପିଏଲ ଅକ୍ସନରେ ସାମିଲ ହୋଇ ୧.୧୦ କୋଟି ଟଙ୍କାରେ ରାଜସ୍ଥାନ ରୟାଲ୍ସ ପାଖକୁ ଯାଇଥିବା ସୂର୍ଯ୍ୟବଂଶୀ ବିସ୍ଫୋରକ ବ୍ୟାଟିଂ କରି ମ୍ୟାଚ୍‌କୁ ଏକତରଫା କରି ଦେଇଥିଲେ। ସେ ଏକାକୀ ୩୬ ବଲରେ ୬୭ ରନର ଇନିଂସ ଖେଳିଛନ୍ତି। ଏହି ଇନିଂସରେ ୫ଟି ଛକା ଓ ୬ଟି ଚୌକା ରହିଛି। ତାଙ୍କୁ ଅନ୍ୟତମ ଓପନର ଆୟୁଷ ସାଥ୍ ଦେଇଥିଲେ। ଉଭୟ ପ୍ରଥମ ୱିକେଟ ପାଇଁ ୯୧ ରନ ଯୋଡ଼ିବା ପରେ ପ୍ରଥମ ବ୍ୟାଟର ଭାବେ ଆୟୁଷ ୩୪ ରନ କରି ଆଉଟ୍ ହୋଇଥିଲେ। ଦଳୀୟ ସ୍କୋର ୧୩୨ ଥିବା ବେଳେ ସୂର୍ଯ୍ୟବଂଶୀ ୬୭ ରନ କରି ପ୍ୟାଭିଲିୟନ ଫେରିଥିଲେ। ଆନ୍ଦ୍ରେ ସିଦ୍ଧାର୍ଥ ୨୨ ରନ କରିଛନ୍ତି। ଭାରତ ୧୪୮ ରନରେ ତୃତୀୟ ୱିକେଟ ହରାଇଥିଲା।

ଏହାପରେ ଅଧିନାୟକ ମହମ୍ମଦ ଅମନ ଓ କେପି କାର୍ତ୍ତିକେୟ ସ୍ଥିତି ସମ୍ଭାଳି ଆଉ କୌଣସି ବିପର୍ଯ୍ୟୟ ଘଟାଇବାକୁ ଦେଇ ନଥିଲେ। ଶେଷରେ ଅମନ ଛକା ମାରି ବିଜୟ ମୁଣ୍ଡି ମାରିଥିଲେ। ଅମନ ଶେଷ ଯାଏ ୨୬ ବଲରେ ୨୫ ଓ କାର୍ତ୍ତିକେୟ ୧୪ ବଲରେ ୧୧ ରନ କରି ଅପରାଜିତ ରହିଥିଲେ। ଭାରତ ୨୧.୪ ଓଭରରେ ୩ ୱିକେଟ ହରାଇ ଧାର୍ଯ୍ୟ ଟାର୍ଗେଟକୁ ହାସଲ କରିବା ସହ ଫାଇନାଲରେ ପହଞ୍ଚିଛି।

## କୁମାରବସ୍ତ ଲୋକନାଥ କ୍ରିକେଟ୍
# ଯାଆଁଳା ଓ ଭାଲିଆବାଡ଼ି ବିଜୟୀ



**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ରାଇଜିଂଷ୍ଟାର କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ଲୋକନାଥ ଦେବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କୁମାରାବସ୍ତ ଖେଳପଡ଼ିଆରେ ଶୁକ୍ରବାର ତ୍ରୟୋଦଶ ଦିବସରେ ପ୍ରଥମ ମ୍ୟାଚ୍‌ରେ ଜାଆଁଳା ଦଳ ବାଙ୍କୀ ଦଳକୁ ୩୧ ରନ୍‌ରେ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ଯାଆଁଳା ଦଳ ବ୍ୟାଟିଂ କରି ୩ ୱିକେଟ ହରାଇ ୧୯୪ ରନ କରିଥିଲେ। ଦଳ ପକ୍ଷରୁ ଅଭିଷେକ ପଟ୍ଟନାୟକ ଶତକୀୟ (୧୩୦ ରନ୍ ) ଇନିଂସ ଖେଳିଥିଲେ। ଜବାବରେ ବାଙ୍କୀ ଦଳ ଆଲୋକ ବେହେରାଙ୍କ ୬୧ ରନ୍ ଓ ସାଗର ବେହେରାଙ୍କ ୪୭ ରନ୍ ବଳରେ ମାତ୍ର ୧୨ ଓଭରରେ ୫ ୱିକେଟ୍ ହରାଇ ମାତ୍ର ୧୬୩ ରନରେ ସୀମିତ ରହିଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ଭାଲିଆବାଡ଼ି ଦଳ କଳିଙ୍ଗ ଖୋର୍ଦ୍ଧା ଦଳକୁ ୩ ରନ୍‌ରେ ପରାସ୍ତ କରିଛି। ଭାଲିଆବାଡ଼ି ଦଳ ପ୍ରଥମେ ବ୍ୟାଟିଂ କରି ଅଜିତ୍ ଦାସଙ୍କ ୪୪ ରନ ଓ ଜ୍ୟୋତିରଞ୍ଜନ ଦଳାଇଙ୍କ ୪୦ ରନ୍ ସହାୟତାରେ ୨୦ ଓଭରରେ ୭ ୱିକେଟ ହରାଇ ୧୬୮ ରନ ସଂଗ୍ରହ କରିଥିଲା। କଳିଙ୍ଗ ଦଳର ଦଳର ସନ୍ଦୀପ ମିଶ୍ର ୩ ୱିକେଟ ନେଇଥିଲେ। ଜବାବରେ କଳିଙ୍ଗ ଦଳ ୨୦ ଓଭରରେ ୬ ୱିକେଟ ହରାଇ ମାତ୍ର ୧୬୫ ରନ୍‌ରେ ସୀମିତ ରହିଥିଲା। ଦଳ ତରଫରୁ ସତ୍ୟଜିତ ସାହୁ ୩୮ ରନ୍ ଓ ଗିରିଶ ନାୟକ ୩୩ ରନ୍ କରିଥିଲେ। ଭାଲିଆବାଡ଼ି ଦଳର ଅଜିତ୍ ଦାସ ୨ଟି ୱିକେଟ ନେଇଥିଲେ। ଅତିଥି ୱାଣ୍ଡରେଲାର କ୍ୟାସ୍ ମ୍ୟାନେଜର ସତ୍ୟରଞ୍ଜନ ବେହେରା ପ୍ରଥମ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଅଭିଷେକ ପଟ୍ଟନାୟକଙ୍କୁ ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ଅତିଥି ସମାଜସେବୀ ଜିତେନ୍ଦ୍ର ସେନାପତି ଶ୍ରେଷ୍ଠ ଖେଳାଳି ଭାବେ ଅଜିତ୍ ଦାସଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଖେଳକୁ ଛବି ନାରାୟଣ ସାହୁ, ସାନୁଜ ବିଶ୍ୱାଳ, ଦୁର୍ଯ୍ୟୋଧନ ପରିଡ଼ା ଓ ପ୍ରଦୋଷ ବଳିଆର୍ସିଂ ପରିଚାଳନା କରିଥିଲେ। କାଜଲ ବଳିଆର୍ସିଂ ଓ ଶ୍ରଧାକର୍ ପାତ୍ର ମ୍ୟାଚ୍ ରେଫରୀ ଭାବରେ କାର୍ଯ୍ୟ କରିଥିଲେ। ସ୍କୋରର ଭାବେ ରଂଜନ ବରାଳ, ପ୍ରକାଶ ସାହୁ, ଶିବଦତ୍ତ ବଡ଼ଜେନା ଓ ଅମ୍ଳାନ ରାଉତରାୟ ଥିଲେ। ସଂଯୋଜକ ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଏବଂ ବନବିହାରୀ ସ୍ୱାଇଁ କାର୍ଯ୍ୟ କରିଥିଲେ। ଘୋଷକ ଭାବେ ପାର୍ଥସାରଥୀ ରାଉତରାୟ, ଅମିୟ ପ୍ରଧାନ ଓ ପ୍ରଶାନ୍ତ ଥିଲେ। ଶନିବାର ଦିନ ପ୍ରଥମ ମ୍ୟାଚ୍ କୁମାରବସ୍ତ ବନାମ ଅରିସଲ ଓ ଦ୍ୱିତୀୟ ମ୍ୟାଚ୍ ବାଙ୍କୁଆଳ ବନାମ ଯାଆଁଳା ମଧ୍ୟରେ ହେବ ବୋଲି ସୋଭାକର ପାତ୍ର ଜଣାଇଛନ୍ତି।

# ପିଙ୍କ୍ ବଲ୍ ଟେଷ୍ଟ: ପ୍ରଥମ ଦିନରେ ଅଷ୍ଟ୍ରେଲିଆର ଦବ୍‌ଦବା, ବ୍ୟାକ୍‌ଫୁଟ୍‌ରେ ଭାରତ



**ଆଡ଼ିଲେଡ୍**

ପର୍ଥ ଟେଷ୍ଟରେ ଐତିହାସିକ ବିଜୟ ହାସଲ କରିଥିବା ଭାରତୀୟ ଟିମ୍ ଆଡିଲେଟ ମ୍ୟାଚ୍‌ର ପ୍ରଥମ ଦିନରେ ଘାଇଲା ହୋଇଛି। ପିଙ୍କ ବଲ୍‌ରେ ଖେଳାଯାଉଥିବା ବର୍ଡର-ଗାଭାସ୍କର ଟ୍ରଫିର ଦ୍ୱିତୀୟ ଟେଷ୍ଟରେ ଅଷ୍ଟ୍ରେଲିଆ ତା'ର ଦବ୍‌ଦବା ଦେଖାଇଛି। ଭାରତୀୟ ଟିମ୍ କେବଳ ଟସ୍ ଜିତିବାର ଖୁସି ପାଇଥିବା ବେଳେ ପୂରା ଦିନ ଅଷ୍ଟ୍ରେଲିଆ ଆଧିପତ୍ୟ ଦେଖିବାକୁ ମିଳିଛି। ପ୍ରଥମେ କଙ୍ଗାରୁ ଟିମ୍ ବୋଲିଂରେ କମାଲ କରି ଭାରତକୁ ୧୮୦ ରନରେ ଅଲଆଉଟ୍ କରି ଦେଇଥିଲା। ଅଭିଜ୍ଞ ବାମହାତୀ ଦ୍ରୁତ ବୋଲର ମିଚେଲ ଷ୍ଟାର୍କ ୪୮ ରନରେ ୬ ୱିକେଟ ନେଇ ଭାରତୀୟ ଟିମ୍‌କୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ଏହା ତାଙ୍କ ଟେଷ୍ଟ କ୍ୟାରିୟରର ସର୍ବଶ୍ରେଷ୍ଠ ପ୍ରଦର୍ଶନ। ସ୍କଟ ବୋଲାଣ୍ଡ ଓ ପାଟ କମିନ୍ସ ମଧ୍ୟ ଦୁଇଟି ୱିକେଟ ପାଇଥିଲେ।

ଭାରତୀୟ ଇନିଂସ ୧୮୦ ରନରେ ଅଟକିବା ପରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ଆରମ୍ଭ କରିଥିଲା। ଦଳ ପ୍ରଥମ ଦିନରେ ୩୩ ଓଭର ବ୍ୟାଟିଂ କରିଥିଲେ ହେଁ ଭାରତୀୟ ବୋଲର କେବଳ ଗୋଟିଏ ୱିକେଟ ହାସଲ କରିଛନ୍ତି। ୩୩ ଓଭରରେ ଅଷ୍ଟ୍ରେଲିଆ ଗୋଟିଏ ୱିକେଟ ହରାଇ ୮୬ ରନ କରି ନେଇଛି। ଅଷ୍ଟ୍ରେଲିଆ ଏବେ ଭାରତର ପ୍ରଥମ ଇନିଂସ ସ୍କୋର ଠାରୁ ମାତ୍ର ୯୪ ରନ ପଛରେ ଥିବା ବେଳେ ହାତରେ ଆହୁରି ୯ଟି ୱିକେଟ ବାକି ରହିଛି।

ପ୍ରଥମ ଦିନର ଷ୍ଟମ୍ପ ଅପସାରଣ ବେଳକୁ ନବାଗତ ନାଥନ ମ୍ୟାକସ୍ୱିନୀ ୩୮ ରନ ଓ ମାର୍ନସ ଲାବୁଶେନ ୨୦ ରନ କରି ଅପରାଜିତ ରହିଛନ୍ତି। ଉଭୟ ଶନିବାର ପୁଣି ଅଷ୍ଟ୍ରେଲିଆର ଇନିଂସକୁ ଆଗକୁ ନେବେ। ଶୁକ୍ରବାର ଅଷ୍ଟ୍ରେଲିଆ କେବଳ ଉସ୍‌ମାନ ଖୱାଜା (୧୩)ଙ୍କୁ ହରାଇଛି। ତାଙ୍କୁ ଯଶପ୍ରୀତ ବୁମ୍ରା ଆଉଟ୍ କରିଛନ୍ତି।

ଦଳୀୟ ସ୍କୋର ୨୪ ଥିବା ବେଳେ ଖୱାଜା ଆଉଟ୍ ହୋଇଥିଲେ। ଏହାପରେ ଲାବୁଶେନ ଓ ମ୍ୟାକସ୍ୱିନୀ ୱିକେଟ ରଖିବା ସହ ରନ ମଧ୍ୟ ହାସଲ କରିଥିଲେ। ଏହି ଯୋଡ଼ିକୁ ଭାଙ୍ଗିବା ପାଇଁ ରୋହିତ ଶର୍ମା ବୋଲିଂ ଏଣ୍ଡରେ ବାରମ୍ବାର ପରିବର୍ତ୍ତନ କରିଥିଲେ ହେଁ ସୁଫଳ ମିଳି ନଥିଲା। ବୁମ୍ରା, ମହମ୍ମଦ ସିରାଜ, ହର୍ଷିତ ରାଣା ଓ ନୀତୀଶ କୁମାର ରେଡ୍ଡୀ ୱିକେଟ ନେବାକୁ ଚେଷ୍ଟା କରିଥିଲେ ହେଁ ସଫଳ ହୋଇପାରି ନାହାନ୍ତି। ଦିବାରାତ୍ର ଟେଷ୍ଟରେ ସୁଯୋଗ ପାଇଥିବା ରବି ଚନ୍ଦ୍ରନ ଅଶ୍ୱିନ ଶୁକ୍ରବାର କେବଳ ଗୋଟିଏ ଓଭର ବୋଲିଂ କରିଛନ୍ତି। ଶନିବାର ତାଙ୍କ ଉପରେ ସମସ୍ତଙ୍କ ନଜର ରହିବ।

# ଭାରତୀୟ ଅଷ୍ଟ୍ରେଲିଆନ ଫୁଟବଲ୍ (ଫୁଟି) ଦଳରେ ମୟୂରଭଞ୍ଜର ଶିବ ମାର୍ଣ୍ଡି




**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଭିଏତନାମ ଠାରେ ଅନୁଷ୍ଠିତ ହେବାକୁ ଥିବା ଆନ୍ତର୍ଜାତୀୟ ଅଷ୍ଟ୍ରେଲିଆନ ଫୁଟବଲ (ଫୁଟି) ଟୁର୍ଣ୍ଣାମେଣ୍ଟ-୨୦୨୪ରେ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି ମୟୂରଭଞ୍ଜର ଶିବ ମାର୍ଣ୍ଡି। ଜାତୀୟ ଚୟନ ଶିବିରରେ ଓଡ଼ିଶାରୁ ୩ ଜଣ ଖେଳାଳି ଯୋଗ ଦେଇଥିବା ବେଳେ ଶ୍ରୀ ମାର୍ଣ୍ଡି ଭାରତୀୟ ଦଳରେ ସାମିଲ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଖବର ପାଇବା ପରେ ତାଙ୍କ ପାଇଁ ବିଭିନ୍ନ ମହଲରୁ ଅଭିନନ୍ଦନର ସୁଅ ଛୁଟୁଛି। ଫୁଟି ଆସୋସିଏସନ ଅଫ ଓଡ଼ିଶାର ସଭାପତି ରାମଚନ୍ଦ୍ର ମୁର୍ମୁ ଓ ଓଡିଶା ପ୍ରଶିକ୍ଷକ ଅନନ୍ତ ହେମ୍ବ୍ରମ ମଧ୍ୟ ଅଭିନନ୍ଦନ ଜଣାଇବା ସହ ତାଙ୍କର ସଫଳତା କାମନା କରିଛନ୍ତି। ପ୍ରକାଶ ଥାଉକି ଶ୍ରୀ ମାର୍ଣ୍ଡି ମୟୂରଭଞ୍ଜ ଜିଲ୍ଲାର ଖୁଣ୍ଟା ବ୍ଲକ୍ ଅନ୍ତର୍ଗତ ଭୋଳାଗଡ଼ିଆ ଗ୍ରାମର ବାସିନ୍ଦା। ସେ କିସ୍ ବିଶ୍ୱବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ଭାରତୀୟ ଦଳରେ ସ୍ଥାନ ପାଇ ସେ ନିଜ ଗାଁ, ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବ ଆଣି ଅନ୍ୟ ଖେଳାଳି ମାନଙ୍କ ପାଇଁ ଉଦାହରଣ ପାଲଟି ଯାଇଛନ୍ତି।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ପୂର୍ବ ଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ଖୋ-ଖୋ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ




**ବାଲେଶ୍ୱର, ନ୍ୟୁଜ୍**

ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆୟୋଜିତ ହୋଇଯାଇ ଥିବା ଚାରିଦିନିଆ ପୂର୍ବ ଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ଖୋ-ଖୋ ଟୁର୍ଣ୍ଣାମେଣ୍ଟର ଆନୁଷ୍ଠାନିକ ଉଦ୍‌ଯାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

ଗୁରୁବାର ସମସ୍ତ ନକ୍ ଆଉଟ୍ ଓ ଲିଗ୍ ମ୍ୟାଚ୍ ଖେଳାଯାଇ ଫଳାଫଳ ଘୋଷିତ କରାଯାଇଥିଲା। ଯୋଗ୍ୟ ବିବେଚିତ ୪ଟି ଦଳ ଯଥାକ୍ରମେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ପଣ୍ଡିତ ରବିଶଙ୍କର ବିଶ୍ୱବିଦ୍ୟାଳୟ, ଛତିଶଗଡ଼, ହେମଚାନ୍ଦ ଯାଦବ ବିଶ୍ୱବିଦ୍ୟାଳୟ, ଛତିଶଗଡ଼ ଓ କିଟ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ମଧ୍ୟରେ କ୍ୱାଲିଫାୟର ମ୍ୟାଚ୍ ଶେଷଦିନରେ ଖେଳାଯାଇଥିଲା। ଏଥିରେ ପ୍ରଥମ ସ୍ଥାନ କିଟ୍ ବିଶ୍ୱ-ବିଦ୍ୟାଳୟ, ଦ୍ୱିତୀୟ ସ୍ଥାନରେ ହେମଚାନ୍ଦ ଯାଦବ ବିଶ୍ୱବିଦ୍ୟାଳୟ, ତୃତୀୟ ସ୍ଥାନ ପଣ୍ଡିତ ରବିଶଙ୍କର ବିଶ୍ୱବିଦ୍ୟାଳୟ ଅଧିକାର କରିଥିବା ବେଳେ ଗଙ୍ଗାଧର ମେହେର ବିଶ୍ୱ-ବିଦ୍ୟାଳୟ ଚତୁର୍ଥ ସ୍ଥାନ ହାସଲ କରିଥିଲେ।

ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ତଥା ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ଡ଼କ୍ଟର ପବିତ୍ର ମୋହନ ନାୟକ, ଉପନିର୍ଦ୍ଦେଶକ ଡ଼କ୍ଟର ଅମିତ କୁମାର ଶର୍ମା, ପି.ଇ.ଓ ସଂଗ୍ରାମ ବିଶୋଇଙ୍କ ଉପସ୍ଥିତିରେ ଏହି ଚାରି ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। ଏଥିସହ ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍‌ରେ ରେଫରୀ ଦାୟିତ୍ୱ ନିର୍ବାହ କରିଥିବା ୨୫ ଜଣ ରେଫରୀଙ୍କୁ କୁଳପତି ପ୍ରଫେସର ତ୍ରିପାଠୀ ସମ୍ମାନିତ କରିଥିଲେ ତଥା ଖେଳାଳିମାନଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇ ଖେଳୁଆଡ଼ ମନୋଭାବ ନେଇ ଟୁର୍ଣ୍ଣାମେଣ୍ଟକୁ ସଫଳତାର ସହ ସଂପାଦନ କରାଯିବା ପାଇଁ ଅଭିନନ୍ଦନ ଜଣାଇଥିଲେ। ଉପସ୍ଥିତ ସମସ୍ତ ଅତିଥିଗଣ ବିଜୟୀ ଦଳଗୁଡ଼ିକୁ ଉଜ୍ଜ୍ୱଳ ଭବିଷ୍ୟତର ଶୁଭେଚ୍ଛା ଜଣାଇଥିଲେ ଏବଂ ସର୍ବ ଭାରତୀୟ ସ୍ତରରେ ଖେଳାଯିବାକୁ ଥିବା ମ୍ୟାଚ୍‌ଗୁଡ଼ିକ ପାଇଁ ନିଜର ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରିବା ପାଇଁ ଉତ୍ସାହିତ କରିଥିଲେ।

# ହାଇବ୍ରିଡ୍ ମଡେଲ ପାଇଁ ରାଜି ହେଲା ପାକିସ୍ତାନ, କିନ୍ତୁ ଭାରତକୁ ଲାଗିଲା ବଡ଼ ଝଟ୍‌କା

**ନୂଆଦିଲ୍ଲୀ**

ଆସନ୍ତା ବର୍ଷ ଆଇସିସିର ଚାମ୍ପିୟନ୍ସ ଟ୍ରଫି ଖେଳିବାକୁ ଭାରତୀୟ ଟିମ୍ ପାକିସ୍ତାନ ଯିବ ନାହିଁ। ପାକିସ୍ତାନ ଟୁର୍ଣ୍ଣାମେଣ୍ଟର ଆୟୋଜନ ଅଧିକାର ନିଜ ପାଖରେ ରଖିଥିଲେ ହେଁ ଭାରତୀୟ ଟିମ୍ ତା'ର ମ୍ୟାଚ୍‌ଗୁଡ଼ିକ ଦୁବାଇରେ ଖେଳିବ। ସୁରକ୍ଷା ଦୃଷ୍ଟିରୁ ଭାରତୀୟ ଟିମ୍ ପାକିସ୍ତାନ ଯିବାକୁ ଚାହୁଁ ନଥିଲା। ତେଣୁ ଆଇସିସି ଦେଇଥିବା ହାଇବ୍ରିଡ୍ ମଡ଼େଲକୁ ପାକିସ୍ତାନ ଗ୍ରହଣ କରି ନେଇଥିବା ରିପୋର୍ଟ ପ୍ରକାଶ ପାଇଛି। ତେବେ ଆଇସିସି ନେଇଥିବା ଏପରି ନିଷ୍ପତ୍ତି ୨୦୨୭ ଯାଏ କାର୍ଯ୍ୟକାରୀ ହେବ। ଏହାର ଅର୍ଥ ଏହି ସମୟସୀମା ମଧ୍ୟରେ ପାକିସ୍ତାନ କିମ୍ବା ଭାରତ କୌଣସି ଆଇସିସି ଇଭେଣ୍ଟର ଆୟୋଜନ କରନ୍ତି, ତା'ହେଲେ ଉଭୟ ଦଳ ନିରପେକ୍ଷ ଭେନ୍ୟୁରେ ମ୍ୟାଚ୍ ଖେଳିବେ। ଭାରତ ଯେମିତି ପାକିସ୍ତାନ ଯାଇ ଆଇସିସି ଇଭେଣ୍ଟ ଖେଳିବ ନାହିଁ, ଠିକ୍ ସେହିପରି ପାକିସ୍ତାନ ମଧ୍ୟ ଭାରତ ଆସିବ ନାହିଁ ବୋଲି ନିଷ୍ପତ୍ତି ହୋଇଛି। ଆଇସିସିର ନୂଆ ଅଧ୍ୟକ୍ଷ ଜୟ ଶାହ ଓ ପାକିସ୍ତାନ ସମେତ ବୋର୍ଡ ଅଫ ଡିରେକ୍ଟର୍ସ ମିଟିଂରେ ଚାମ୍ପିୟନ୍ସ ଟ୍ରଫି ହାଇବ୍ରିଡ୍ ମଡ଼େଲରେ ଖେଳାଯିବ ବୋଲି ସ୍ଥିର ହୋଇଥିବା ଜଣାପଡ଼ିଛି। ଖୁବ୍‌ଶୀଘ୍ର ଔପଚାରିକ ଭାବେ ଏହାର ଘୋଷଣା କରାଯିବ। ସେହିପରି ମ୍ୟାଚ୍ ସୂଚୀ ମଧ୍ୟ ପ୍ରକାଶ ପାଇବ। ୨୦୩୧ ଯାଏ ଭାରତ ଓ ପାକିସ୍ତାନ ଆୟୋଜନ କରିବାକୁ ଥିବା ସମସ୍ତ ପ୍ରକାରର ଆଇସିସି ଇଭେଣ୍ଟ ନିରପେକ୍ଷ ଭେନ୍ୟୁରେ କରିବାକୁ ଇସଲାମାବାଦ ପ୍ରସ୍ତାବ ଦେଇଥିଲା। କିନ୍ତୁ ଆଇସିସି ୨୦୨୭ ଯାଏ ଏହା କାର୍ଯ୍ୟକାରୀ ହେବ ବୋଲି କହିଛି। ଏହି ସମୟସୀମା ମଧ୍ୟରେ ଭାରତରେ ମହିଳା ଦିନିକିଆ ବିଶ୍ୱକପ (୨୦୨୫ ଅକ୍ଟୋବର) ଖେଳାଯିବାକୁ ଅଛି। ସେହିପରି ୨୦୨୬ରେ ଭାରତ ଓ ଶ୍ରୀଲଙ୍କାରେ ପୁରୁଷ ଟି-୨୦ ବିଶ୍ୱକପ ଆୟୋଜନ କରିବାକୁ ଧାର୍ଯ୍ୟ ହୋଇଛି। ଏହାର ଅର୍ଥ ଏହି ଦୁଇ ବଡ଼ ଟୁର୍ଣ୍ଣାମେଣ୍ଟ ଖେଳିବାକୁ ପାକିସ୍ତାନ ମଧ୍ୟ ଭାରତ ଆସିବ ନାହିଁ। ଭାରତ ବଦଳରେ ଦଳ ନିରପେକ୍ଷ ଭେନ୍ୟୁରେ ମ୍ୟାଚ୍ ଖେଳିବ। ୨୦୨୬ ପୁରୁଷ ଟି-୨୦ ବିଶ୍ୱକପରେ ପାକିସ୍ତାନ ତା'ର ମ୍ୟାଚ୍‌ଗୁଡ଼ିକ ଶ୍ରୀଲଙ୍କାରେ ଖେଳିବ। ଯଦି ପାକିସ୍ତାନ ଫାଇନାଲକୁ ଯାଉଛି, ତା'ହେଲେ ଉକ୍ତ ମ୍ୟାଚ ମଧ୍ୟ ଭାରତ ବାହାରେ ହେବ। ତେଣୁ ଏଥିପାଇଁ ଭାରତକୁ ଅନେକ ପ୍ରକାରର କ୍ଷତି ସହିବାକୁ ପଡ଼ିବ ବୋଲି କୁହାଯାଉଛି।




## ସଶସ୍ତ୍ର ସେନା ପତାକା ଦିବସ ବାର୍ତ୍ତା

ସଶସ୍ତ୍ର ବାହିନୀ ପତାକା ଦିବସ ୭ ଡିସେମ୍ବର ୨୦୨୪ ଅବସରରେ, ମୁଁ ରାଜ୍ୟର ସମସ୍ତ ସେବାରତ ତଥା ସେବାନିବୃତ୍ତ ସୈନିକ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି।

ସଶସ୍ତ୍ର ବାହିନୀ ପତାକା ଦିବସ ଆମକୁ ସଶସ୍ତ୍ର ବାହିନୀର ସେବାରତ ତଥା ସେବାନିବୃତ୍ତ ସୈନିକମାନଙ୍କୁ କୃତଜ୍ଞତା ଜଣାଇବା ପାଇଁ ଏକ ଅନନ୍ୟ ସୁଯୋଗ ପ୍ରଦାନ କରେ। ଦେଶର ଆଭ୍ୟନ୍ତରୀଣ ତଥା ବାହ୍ୟ ସୁରକ୍ଷା, ଏବଂ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବାରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେମାନଙ୍କର ଦେଶପ୍ରେମ, ବୀରତ୍ୱ, ବଳିଦାନ ଲୋକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅର୍ଜନ କରିଛି।

ଏହି ଅବସରରେ ଗର୍ବର ସହିତ ସଶସ୍ତ୍ର ବାହିନୀର ପତାକା ଧାରଣ କରି ଏବଂ ସଶସ୍ତ୍ର ବାହିନୀ ପତାକା ଦିବସ ପାଣ୍ଠିକୁ ଦାନ କରି ସମଗ୍ର ଦେଶ ସେବାରତ ତଥା ସେବାନିବୃତ୍ତ ସୈନିକ, ଯୁଦ୍ଧ ବିଧବା, ଭିନ୍ନକ୍ଷମ ସୈନିକଙ୍କ ପୁନଃଥଇଥାନ ପାଇଁ ସହାନୁଭୂତି ଏବଂ ସମର୍ଥନ ଜଣାଇଥାଏ।

ଏହି ଅବସରରେ ମୁଁ ରାଜ୍ୟର ସମସ୍ତ ନାଗରିକମାନଙ୍କୁ ନିବେଦନ କରୁଛି ଯେ, ସଶସ୍ତ୍ର ବାହିନୀ ପତାକା ଦିବସ ପାଣ୍ଠିକୁ ଉଦାର ହୃଦୟରେ ଦାନ କରନ୍ତୁ।

ଜୟ ହିନ୍ଦ !

(ରଘୁବର ଦାସ)
ରାଜ୍ୟପାଳ, ଓଡ଼ିଶା

DSPL-238



## ସଶସ୍ତ୍ର ସେନା ପତାକା ଦିବସ ଉପଲକ୍ଷେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ବାର୍ତ୍ତା

ଡିସେମ୍ବର ୭, ୨୦୨୪ ସଶସ୍ତ୍ର ବାହିନୀ ପତାକା ଦିବସ ଅବସରରେ ମୁଁ ରାଜ୍ୟର ସମସ୍ତ ସେବାରତ, ସେବାନିବୃତ୍ତ ସୈନିକ ଏବଂ ସେମାନଙ୍କ ପରିବାରବର୍ଗ ତଥା ସୀମାନ୍ତରେ ମୁତୟନ ଥିବା ସମସ୍ତ ସେନାନୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି।

ଆମ ଦେଶକୁ କେବଳ ବାହ୍ୟ ବିପଦରୁ ନୁହେଁ ବରଂ ଆଭ୍ୟନ୍ତରୀଣ ବିଦ୍ରୋହ, ଆତଙ୍କବାଦ ତଥା ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରଶାସନକୁ ସାହାଯ୍ୟ କରିବାରେ ସଶସ୍ତ୍ର ବାହିନୀ ନିଜ ଦକ୍ଷତାର ପରାକାଷ୍ଠା ପ୍ରଦର୍ଶନ କରିଛି। ସଶସ୍ତ୍ର ବାହିନୀର ଅନେକ ସାହସୀ ଏବଂ ନିର୍ଭୀକ ବୀରମାନେ ନିଜ କର୍ତ୍ତବ୍ୟ ସମ୍ପାଦନ ସମୟରେ ମଧ୍ୟ ସହିଦ ହୋଇଛନ୍ତି। ଏହି ଦିନଟି ଆମର ବୀର ତଥା ସାହସୀ ସୈନିକମାନଙ୍କୁ ସମ୍ମାନିତ କରିବା ଏବଂ ସଶସ୍ତ୍ର ବାହିନୀ ପ୍ରତି ଆମର ଦୃଢ଼ ସମର୍ଥନ ପ୍ରକାଶ କରିବା ପାଇଁ ଉଦ୍ଦିଷ୍ଟ।

ଏହି ଐତିହାସିକ ଦିବସ ଅବସରରେ, ମୁଁ ଓଡ଼ିଶାର ସମସ୍ତ ନାଗରିକଙ୍କୁ ଅନୁରୋଧ କରୁଛି ଯେ, ସେବାରତ, ସେବାନିବୃତ୍ତ ସୈନିକ, ଯୁଦ୍ଧ ବିଧବା ତଥା ଭିନ୍ନକ୍ଷମ ସୈନିକମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ସହିତ ସେମାନଙ୍କ ପରିବାରବର୍ଗଙ୍କ କଲ୍ୟାଣ ଓ ପୁନଃଥଇଥାନ ନିମନ୍ତେ ସଶସ୍ତ୍ର ସେନା ପତାକା ଦିବସ ପାଣ୍ଠିକୁ ମୁକ୍ତ ହସ୍ତରେ ଦାନ କରନ୍ତୁ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-12088/13/0001/2425


# ବିସିସିଆଇର ପରବର୍ତ୍ତୀ ସମ୍ପାଦକ ରେସ୍‌ରେ ଦେବଜିତ ସାଇକିଆ

**ନୂଆଦିଲ୍ଲୀ**

ଆଇସିସି ମୁଖ୍ୟ ଭାବରେ ବିସିସିଆଇ ସମ୍ପାଦକ ଜୟ ଶାହା ଦାୟିତ୍ୱ ଗ୍ରହଣ କରିବା ପରେ ଏହି ପଦବୀ ଖାଲି ରହିଛି। ଡିସେମ୍ବର ୧ ତାରିଖରେ ଶାହା ଆଇସିସି ଚେୟାରମ୍ୟାନ ଦାୟିତ୍ୱ ଗ୍ରହଣ କରିଥିଲେ। ବିସିସିଆଇର ଏହି ସର୍ବଶକ୍ତିଶାଳୀ ପଦବୀରେ କିଏ ବସିବେ ତାହାକୁ ନେଇ ବର୍ତ୍ତମାନ ଆଲୋଚନା ଜୋର ଧରିଛି। ୨୦୨୨ରେ ବିସିସିଆଇର ସମ୍ବିଧାନ ପରିବର୍ତ୍ତନ ପରେ ସମ୍ପାଦକ ପଦବୀ ସବୁଠାରୁ ଶକ୍ତିଶାଳୀ ରହିଛି। ସମସ୍ତ ପ୍ରକାର କ୍ରିକେଟ ଓ ଅଣ କ୍ରିକେଟ ନିଷ୍ପତ୍ତିରେ ସମ୍ପାଦକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥାଏ। ଏହାସହିତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମଧ୍ୟ ତାଙ୍କ ଅଧୀନରେ କାର୍ଯ୍ୟ କରିଥାନ୍ତି। ଅଗଷ୍ଟ ମାସରେ ଶାହା ଆଇସିସିର ମୁଖ୍ୟ ଭାବରେ ନିର୍ବାଚିତ ହୋଇଥିଲେ। ତା' ପରଠାରୁ ଏହି କ୍ଷମତାକେନ୍ଦ୍ର କାହା ନିକଟକୁ ଯିବ ତାକୁ ନେଇ ଚର୍ଚ୍ଚା ଜୋର ଧରିଥିଲା। ଗୁଜରାଟ କ୍ରିକେଟ ବୋର୍ଡର ଅନିଲ ପଟେଲ, ବିସିସିଆଇର ବର୍ତ୍ତମାନ ଯୁଗ୍ମ ସମ୍ପାଦକ ଦେବଜିତ ସାଇକିଆ ଓ ଡିଡିସିଏ ସଭାପତି ରୋହନ ଜେଟଲୀଙ୍କ ନାମକୁ ନେଇ ସବୁଠୁ ଅଧିକ ଚର୍ଚ୍ଚା ହୋଇଥିଲା। ତେବେ ପରବର୍ତ୍ତୀ ସମୟରେ ଏହା କେବଳ ଗୁଜବ ବୋଲି ଜଣାପଡିଥିଲା। ସମସ୍ତ ରାଜ୍ୟର ବୋର୍ଡଗୁଡିକ ସମ୍ପାଦକ ନିର୍ବାଚନକୁ ନେଇ ନୀରବତା ଅବଲମ୍ବନ କରୁଛନ୍ତି। ବର୍ତ୍ତମାନ ସମୟରେ ଯୁଗ୍ମ ସମ୍ପାଦକ ରହିଥିବା ଦେବଜିତ ଅନ୍ତରୀଣ ଭାବରେ ଏହି ଦାୟିତ୍ୱ ସମ୍ପାଦନ କରିପାରନ୍ତି। ତେବେ ନିୟମ ଅନୁସାରେ ଗୋଟିଏ ପଦବୀ ଖାଲି ହେବାର ୪୫ ଦିନ ମଧ୍ୟରେ ନିର୍ବାଚନ କରାଇ ଏହାକୁ ପୂରଣ କରାଯିବା ଉଚିତ। ଜାନୁଆରୀ ୧୫ ଯାଏ ବିସିସିଆଇ ହାତରେ ସମ୍ପାଦକ ନିର୍ବାଚିତ କରିବାର ସମୟ ରହିଛି। ସେହିପରି ନିର୍ବାଚନର ୪ ସପ୍ତାହ ପୂର୍ବରୁ ଇଲେକ୍ଟୋରାଲ ଅଫିସରଙ୍କ ନିଯୁକ୍ତି ବାଧ୍ୟତାମୂଳକ ରହିଛି। ବୋର୍ଡ ନିକଟରେ ଦେଢ ମାସ ସମୟ ରହିଥିବା ବେଳେ ତରତର ହେବାର ନାହିଁ ବୋଲି ଜଣେ ଅଧିକାରୀ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ବିସିସିଆଇର ବର୍ତ୍ତମାନ ଟିମ୍‌ର କାର୍ଯ୍ୟକାଳ ଆସନ୍ତା ବର୍ଷ ସେପ୍ଟେମ୍ବରରେ ଶେଷ ହେବାକୁ ଯାଉଛି। ତେଣୁ ଯିଏ ବି ଦାୟିତ୍ୱ ନେବ ତାଙ୍କୁ ବର୍ଷେ ପରେ ଦାୟିତ୍ୱ ଛାଡିବାକୁ ପଡିବ। ଅନ୍ୟପକ୍ଷରେ ଏହି ପଦ ପାଇଁ ଅନ୍ୟତମ ଦାବିଦାର ଅରୁଣ ଧୂମଲ ବର୍ତ୍ତମାନ ଆଇସିସିରେ ଭାରତର ପ୍ରତିନିଧି ରହିଛନ୍ତି।





ରାଇରଙ୍ଗପୁର : ଜନ୍ମମାଟିରେ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଗ୍ରାମବାସୀଙ୍କୁ ଭେଟିବା ସହ ତାଙ୍କୁ ନୃତ୍ୟ ମାଧ୍ୟମରେ ସ୍ୱାଗତ କରାଯାଉଛି। (ଫଟୋ : ସମ୍ବାଦ କଳିକା)

# ପ୍ରଥମ କରି ନିଜ ଜନ୍ମମାଟିରେ ମହାମହିମ ରାଷ୍ଟ୍ରପତି

**ରାଇରଙ୍ଗପୁର/ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଶୁକ୍ରବାର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ପଶ୍ଚିମବଙ୍ଗ ର କଲେଇକୁଣ୍ଡା ବିମାନ ବନ୍ଦରରୁ ବାୟୁସେନାର ସ୍ୱତନ୍ତ୍ର ହ୍ୟାଲିକେପ୍ଟର ଯୋଗେ ଆସି ବାଦାମପାହାଡ଼ ର ରଙ୍ଗାମାଟିଆ ହେଲିପ୍ୟାଡ଼ ଠାରେ ପୂର୍ବାହ୍ନ ୧୧:୦୫ ମିନିଟ ସମୟରେ ଅବତରଣ କରିବା ପରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଇଂ ଗଣେଶ ରାମ ସିଂ ଖୁଣ୍ଟିଆ, ସାଂସଦ ମୟୂରଭଞ୍ଜ ନବ ଚରଣ ମାଝୀ ଓ ଅନ୍ୟାନ୍ୟ ବରିଷ୍ଠ ସରକାରୀ ପଦାଧିକାରୀଙ୍କ ସହ ସେ ଜନ୍ମଲାଭ କରିଥିବା ନିଜର ପୈତୃକ ଗ୍ରାମ ଉପରବେଡା ଅଭିମୁଖେ ଯାଇଥିଲେ। ରାଷ୍ଟ୍ରପତି ପଦ ଅଳଙ୍କୃତ ପରେ ପ୍ରଥମ କରି ନିଜ ଜନ୍ମ ଗ୍ରାମକୁ ଆସିଥିବାରୁ ଗ୍ରାମବାସୀମାନେ ତାଙ୍କୁ ଘଣ୍ଟ ବାଦ୍ୟ ସହିତ ପାରମ୍ପରିକ ରୀତିନୀତିରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜଣାଇବା ସହ ଆନନ୍ଦ ଉଲ୍ଲାସ ସହିତ ବିରାଟ ପଟୁଆରରେ ଶୋଭାଯାତ୍ରା କରି ପାଛୋଟି ନେଇଥିଲେ। ମହାମହିମ ତାଙ୍କ ଜନ୍ମ ମାଟିରେ ପହଞ୍ଚିବା କ୍ଷଣି ଏହାର



ଚରଣ ସ୍ପର୍ଶ କରି ଜନ୍ମମାଟିକୁ ଭକ୍ତିପୂତ ପ୍ରଣାମ ଜଣାଇବା ସହ ନିଜ ଜନ୍ମ ମାଟିର ପରିସରରେ ଉଲ୍ଲସିତ ହୋଇ ଉଠିଥିଲେ ଓ ନିଜ ପ୍ରିୟଜନ ତଥା ଗ୍ରାମବାସୀମାନଙ୍କ ଗହଣରେ ଆସି ଅତ୍ୟନ୍ତ ଭାବବିହ୍ୱଳ ଏବଂ ଆନନ୍ଦରେ ବିଭର ହୋଇପଡ଼ିଥିଲେ।ଏହାପରେ ସେ ତାଙ୍କ ବାଲ୍ୟ କାଳରେ ପ୍ରାଥମିକ ଶିକ୍ଷା ଲାଭ କରିଥିବା ଉକ୍ତ ଗ୍ରାମର ଉପରବେଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାଇଥିଲେ ଏବଂ ସ୍କୁଲର ଛାତ୍ରଛାତ୍ରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ସହିତ ସ୍ନେହଭରା ଭାବ ବିନିମୟ କରିଥିଲେ। ଏହି ଅବସରରେ ମହାମହିମ କହିଥିଲେ, 'ଭାରତର ରାଷ୍ଟ୍ରପତି ହେବା ମୋ ପାଇଁ ଆଶୀର୍ବାଦ ଏବଂ ଏହି ଗାଁରେ ମୋ ବିଦ୍ୟାଳୟର ଶିକ୍ଷକମାନଙ୍କଠାରୁ ଶିକ୍ଷାଲାଭ କରିବା ଏକ ସୌଭାଗ୍ୟର ବିଷୟ ମୋ ପାଇଁ। ଏହାପରେ ମହାମହିମ, ସ୍ଥାନୀୟ କମଳା-ବିମଳା ଉଚ୍ଚ ବିଦ୍ୟାଳୟକୁ ଯାଇଥିଲେ। ସେଠାରେ ଯୁବବର୍ଗଙ୍କ ସହିତ ଭାବ ବିନିମୟ କରିବା ସମୟରେ ଯୁବଶକ୍ତିର ଉପାଦେୟତା ଓ ନିଷ୍ଠାପରତା ଦେଶକୁ ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ଏହାପରେ ସେଠାରୁ ଉପରବେଡା ସ୍ଥିତ ନିଜ ବାସଭବନରେ ପହଞ୍ଚି ନିଜ ଗ୍ରାମବାସୀମାନଙ୍କ ସହିତ ଭାବାବେଗପୂର୍ଣ୍ଣ ପରିବେଶ ମଧ୍ୟରେ ଭାବ ବିନିମୟ କରିଥିଲେ। ସେଠାରୁ ସେ ସ୍ୱତନ୍ତ୍ର ଯାନ ଯୋଗେ ସଡ଼କ ପଥରେ ରାଇରଙ୍ଗପୁର ସ୍ଥିତ ଅତିଥି ଭବନ ଅଭିମୁଖେ ମଧ୍ୟାହ୍ନ ଭୋଜନ ତଥା ବିଶ୍ରାମ ନିମନ୍ତେ ଯାତ୍ରା କରିଥିଲେ। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଅପରାହ୍ନରେ ମହାମହିମ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ଠାରେ ଏସଏଲଏସ ଟ୍ରଷ୍ଟର ଏକ ଜରୁରୀକାଳୀନ ଯାନ ଉପଖଣ୍ଡ ଚିକିତ୍ସାଳୟକୁ ପ୍ରଦାନ କରିବା ସହିତ ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ଏହାପରେ ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟରେ ଛାତ୍ରୀମାନଙ୍କ ସହ ଭାବ ବିନିମୟ କରିଥିଲେ ଏବଂ ନିଜ ଅଭିଭାଷଣରେ ମହିଳାମାନଙ୍କୁ ସଫଳତାର ସହିତ ଓ ସମସ୍ତ ବାଧାବିଘ୍ନକୁ ଏଡାଇ ଆଗକୁ ବଢିବାକୁ ଉପଦେଶ ଦେଇଥିଲେ। ଏହାପରେ, ମହୁଲଡିହା ସ୍ଥିତ ବାବା ପୂର୍ଣ୍ଣେଶ୍ୱର ମନ୍ଦିରରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ପୋଲାଭରମ ପ୍ରସଙ୍ଗରେ ବିଧାନସଭାରେ ହଟ୍ଟଗୋଳ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଶୁକ୍ରବାର ବିଧାନସଭାରେ ପ୍ରଶ୍ନୋତ୍ତର କାଳ ଆରମ୍ଭ ହେବାକ୍ଷଣି କଂଗ୍ରେସ ଦଳର ବିଧାୟକମାନେ ଗୃହର ମଧ୍ୟଭାଗକୁ ଚାଲିଆସି ହୋ ହଲ୍ଲା ଆରମ୍ଭ କରିଥିଲେ। ପୋଲାଭରମ ପ୍ରସଙ୍ଗରେ ଆଲୋଚନା ଦାବିରେ ସେମାନେ 'ଓଡ଼ିଶା ବୁଡ଼ିଲା ଆନ୍ଧ୍ର ହସିଲା, ଡବଲ ଇଂଜିନ୍ ହାଏ ହାଏ, ସରକାର ତୁମର ମନୋମୁଖି ଶାସନ ଚଳିବ ନାହିଁ' ବୋଲି ସ୍ଲୋଗାନମାନ ଦେଇ ଗୃହରେ ହଟ୍ଟଗୋଳ ଜାରି ରଖିବାରୁ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହୋଇଥିଲା। ବାଚସ୍ପତି ସୁରମା ପାଢ଼ୀ ଗୃହର ମଧ୍ୟଭାଗରେ ଥିବା କଂଗ୍ରେସ ବିଧାୟକମାନଙ୍କୁ ନିଜ ନିଜ ଆସନକୁ ଫେରିଯାଇ ଗୃହ କାର୍ଯ୍ୟରେ ସହଯୋଗ ରକ୍ଷା କରିବାକୁ ଅନୁରୋଧ କରିଥିଲେ। ବାଚସ୍ପତିଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ଧାରଣାରତ କଂଗ୍ରେସ ସଦସ୍ୟମାନେ ବାଚସ୍ପତିଙ୍କ ପୋଡିୟମ୍ ସମ୍ମୁଖରେ ହଟ୍ଟଗୋଳ ଜାରି ରଖିଥିଲେ। ଗୃହକୁ ସାଭାବିକ ଅବସ୍ଥାକୁ ଫେରାଇ ଆଣିବା ଲାଗି ବାଚସ୍ପତି ଶ୍ରୀମତୀ ପାଢୀ ପରବର୍ତ୍ତୀ ପ୍ରଶ୍ନକର୍ତ୍ତା ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତର ଦେବାକୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀଙ୍କୁ କହିଥିଲେ। ମନ୍ତ୍ରୀ ଗୃହରେ ଉତ୍ତର ରଖୁଥିବା ବେଳେ ବିରୋଧି କଂଗ୍ରେସ ସଦସ୍ୟଙ୍କ ଅଭିଯୋଗ ସହ ବିଜେଡ଼ି ସଦସ୍ୟମାନେ ଏହି ପ୍ରସଙ୍ଗକୁ ସମର୍ଥନ କରି ନିଜ ନିଜ ଆସନରେ ଦଣ୍ଡାୟମାନ ହୋଇ ପୋଲାଭରମ୍ ପ୍ରକଳ୍ପ ସମ୍ପର୍କରେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ପୋଲାଭରମ୍ ସମ୍ପର୍କରେ ଗୃହରେ ଆଲୋଚନା କରିବା ପାଇଁ ଦାବି ରଖିଥିଲେ। ବିରୋଧିଦଳ ନେତା ନବୀନ ପଟ୍ଟନାୟକ ଗୃହରେ ଉପସ୍ଥିତ ଥିବାବେଳେ ପ୍ରମିଳା ମଲ୍ଲିକ ଏପରି ଅଭିଯୋଗ କରିଥିଲେ। କଂଗ୍ରେସ ସଦସ୍ୟମାନେ ବାଚସ୍ପତିଙ୍କ ପୋଡିୟମ ତଳେ ଜୋର୍‌ଦାର ହୋହଲ୍ଲା କରିବାରୁ ବାଚିସ୍ପତି ପ୍ରଥମେ ଗୃହକୁ ଘ.୧୦.୩୮ମିନିଟ୍‌ରୁ ସାଢେ ୧୧ଟା ଯାଏଁ ମୁଲତବୀ ରଖିଥିଲେ। ଏହାପରେ ଗୃହକାର୍ଯ୍ୟ ପୁନର୍ବାର ଘ.୧୧.୩୦ମିନିଟ୍‌ରେ ଆରମ୍ଭ ହୋଇଥିଲେ ମଧ୍ୟ ବିରୋଧୀ କଂଗ୍ରେସ ସଦସ୍ୟମାନେ ପୁନର୍ବାର ଗୃହ ମଧ୍ୟଭାଗକୁ ଆସି ହୋ ହଲ୍ଲା ନାରାବାଜୀ ଓ ଧାରଣା ଦେଇଥିଲେ। ବାଚସ୍ପତି ଶ୍ରୀମତୀ ପାଢୀ କହିଥିଲେ ଯେ, ପୋଲାଭରମ ପ୍ରକଳ୍ପ ସମ୍ପର୍କରେ ଗୃହରେ ଆଲୋଚନା ପାଇଁ ବିରୋଧି ଦଳ ପକ୍ଷରୁ ଏକ ମୁଲତବୀ ପ୍ରସ୍ତାବ ଦିଆଯାଇଥିଲା। ଏହି ମୁଲତବୀ ପ୍ରସ୍ତାବ ଉପରେ ବିଭାଗୀୟ ମନ୍ତ୍ରୀଙ୍କୁ ଉତ୍ତର ରଖିବାକୁ କୁହାଯାଇଥିଲା। ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ହେବାକୁ ଯାଉଥିବା ପୋଲାଭରମ୍ ପ୍ରକଳ୍ପ ମାମଲା ଏବେ ମାନ୍ୟବର ସୁପ୍ରିମକୋର୍ଟଙ୍କ ବିଚାରାଧିନ ରହିଥିବା ଜଣାପଡ଼ିଥିଲା। ମାମଲା ନ୍ୟାୟାଳୟରେ ବିଚାରାଧିନ ଥିବାବେଳେ ସମ୍ବିଧାନର ୬୦ (୭) ଅନୁଯାୟୀ ଏହା ଉପରେ ଗୃହରେ ଆଲୋଚନା ହେବାପାଇଁ ଅବକାଶ ନଥିଲା। ତେଣୁ ଏହି ବିଷୟଟି ଆଇନ୍ ଅଦାଲତରେ ବିଚାରାଧିନ ଥିବା ବିଷୟଟିକୁ ଗୃହରେ ଆଲୋଚନା କରାଯାଇପାରିବ ନାହିଁ। ଏଥିପାଇଁ ଏହି ମୁଲତବୀ ପ୍ରସ୍ତାବ ଆଲୋଚନା ଲାଗି ଗୃହରେ ଗ୍ରହଣ ହୋଇନାହିଁ ବୋଲି ବାଚସ୍ପତି ଶ୍ରୀମତୀ ପାଢୀ କହିଥିଲେ । ବିରୋଧୀ ସଦସ୍ୟମାନେ ନିଜ ନିଜ ଆସନକୁ ଫେରିଯାଇ ଗୃହ କାର୍ଯ୍ୟରେ ଯୋଗଦେବାକୁ ବାଚସ୍ପତି ନିବେଦନ କରି କହିଥିଲେ ଯେ ବିରୋଧି ସଦସ୍ୟମାନେ ଶାନ୍ତି ବଜାୟ ରଖନ୍ତୁ। ବାଚସ୍ପତିଙ୍କ ନିବେଦନ ସତ୍ତ୍ୱେ କଂଗ୍ରେସ ଓ ବିଜେଡ଼ି ସଦସ୍ୟମାନେ ଗୃହରେ ପୋଲାଭରମ ପ୍ରସଙ୍ଗ ସମ୍ପର୍କରେ ଆଲୋଚନା ଦାବି କରି ହୋ ହଲ୍ଲା ଜାରି ରଖିବାରୁ ବାଚସ୍ପତି ଗୃହକୁ ଘ.୧୧.୩୦ମିନିଟ୍‌ରୁ ଅପରାହ୍ନ ଘ.୪.୦୦ ପର୍ଯ୍ୟନ୍ତ ମୁଲତବି ରଖିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସୀମାରେ ତୁର୍କୀ ଡ୍ରୋନ୍ ମୁତୟନ...

ରହିଥିବା ଅଶାନ୍ତିକର ସ୍ଥିତି ମଧ୍ୟରେ ସଶସ୍ତ୍ର ବାହିନୀ ପୂର୍ବରୁ ସଜାଗ ରହିଛନ୍ତି ଏବଂ ନୂତନ ଡ୍ରୋନ୍ ନିୟୋଜନ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଜଣେ ବରିଷ୍ଠ ପ୍ରତିରକ୍ଷା ଅଧିକାରୀ କହିଛନ୍ତି ଯେ ଆମେ ପରିସ୍ଥିତିକୁ ତୀକ୍ଷ୍ଣ ନଜର ରଖିଛୁ ଏବଂ ଆମର ସୀମାର ସୁରକ୍ଷା ତଥା ନିରାପତ୍ତାକୁ ନିଶ୍ଚିତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବୁ। ବାଂଲାଦେଶର ସ୍ଥିତିକୁ ନଜରରେ ରଖିବା ପାଇଁ ଭାରତ ମଧ୍ୟ ଗୁପ୍ତଚର ସୂଚନା ପ୍ରଦାନ କରିବା ଏବଂ ଅନ୍ତର୍ଜାତୀୟ ଭାଗିଦାରୀମାନଙ୍କ ସହ ସହଯୋଗ କରୁଛି।

### ନିଯୁକ୍ତି ପରୀକ୍ଷାରେ ଗଫଲତି...

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, ଜଣେ ପ୍ରାର୍ଥୀ ସାର୍ବଜନୀନ ପରୀକ୍ଷାରେ ବସିବା ପାଇଁ ସାର୍ବଜନୀନ ପରୀକ୍ଷା ପ୍ରାଧିକାରୀଙ୍କ ଅନୁମତି ପାଇଥିଲେ, ଏଥିରେ ପରୀକ୍ଷାରେ ତାଙ୍କ ତରଫରୁ ଲେଖକ ଭାବେ କାର୍ଯ୍ୟ କରିବା ପାଇଁ ପ୍ରାଧିକୃତ ଜଣେ ବ୍ୟକ୍ତି ଅନ୍ତର୍ଭୁକ୍ତ । ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଅଧିନିୟମ ୨୦୦୦ ଧାରା ୨ ଉପଧାରା ୧ ଅନୁଯାୟୀ ପରୀକ୍ଷା ପରିଚାଳନା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, ସାର୍ବଜନୀନ ପରୀକ୍ଷାର ଅନୁସରଣ କରିବା ପାଇଁ ବିହିତ ପ୍ରକ୍ରିୟାକୁ ଅନ୍ତର୍ଭୁକ୍ତ କରାଯିବ । ପୂର୍ବ ସରକାର ସମୟରେ ଚାକିରୀ ପାଇଁ ଯେଉଁଭଳି ପରୀକ୍ଷାର ବ୍ୟବସ୍ଥା ରହିଥିଲା, ସେଥିରେ ମେଧାବୀ ଓ ଗରିବ ଛାତ୍ରଛାତ୍ରୀମାନଙ୍କୁ ସୁଯୋଗ ମିଳୁନଥିଲା । ଗୋଟିଏ ଗୋଟିଏ ଚାକିରୀ ପାଇଁ ୨୫ ରୁ ୩୦ ଲକ୍ଷ ଟଙ୍କା ନିଲାମ କରାଯାଉଥିଲା। ପ୍ରଶ୍ନପତ୍ର ବିଭ୍ରାଟ, ଜଣେ ପ୍ରାର୍ଥୀଙ୍କ ପାଇଁ ଅନ୍ୟ ଜଣେ ପରୀକ୍ଷା ଦେବା ଭଳି ଅଭିଯୋଗମାନ ଆମ ରାଜ୍ୟର ବେକାର ଯୁବକ ଯୁବତୀମାନଙ୍କୁ ବ୍ୟଥିତ କରିଥିଲା। ନୂଆ ସରକାର କ୍ଷମତାକୁ ଆସିବା ପରେ ଚାକିରୀ ବ୍ୟବସ୍ଥାରେ ସ୍ୱଚ୍ଛତା, ନିରପେକ୍ଷତା ଓ ସାଧୁତା ଅବଲମ୍ବନ ନିମନ୍ତେ ଏହି ବିଲ୍‌ର ଯଥେଷ୍ଟ ଆବଶ୍ୟକତା ରହିଛି । ଏଭଳି ଆଇନ୍ ପ୍ରଣୟନ କରାଯାଇ ଚାକିରୀ କ୍ଷେତ୍ରରେ ହେଉଥିବା ପରୀକ୍ଷାରେ ସାଧୁତା ରକ୍ଷା ସହ ଉଚିତ୍ ପ୍ରାର୍ଥୀଙ୍କୁ ନିଯୁକ୍ତି ଦେବାର ସୁଯୋଗ ସୃଷ୍ଟି କରାଯାଉଛି । ଏହି ବିଲ୍‌କୁ ଗୃହରେ ଆଲୋଚନା କରାଯାଇ ପାରିତ କରିବା ନିମନ୍ତେ ସେ ବାଚସ୍ପତିଙ୍କ ନିକଟରେ ପ୍ରସ୍ତାବ ରଖିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ବିଲ୍ ଆଇନ୍‌ରେ ପରିଣତ ହେଲାପରେ ଏ କ୍ଷେତ୍ରରେ ଚାଲିଥିବା ଅନୀୟମିତତାକୁ ଦୃଢଭାବେ ନିୟନ୍ତ୍ରଣ କରାଯାଇପାରିବ। ବିଲ୍‌ର ପ୍ରାବଧାନ ଅନୁଯାୟୀ ନିଯୁକ୍ତି ନିମନ୍ତେ ହୋଇଥିବା ପରୀକ୍ଷାରେ ଯଦି ଯେକୌଣସି ବ୍ୟକ୍ତିମାନେ ଏହି ଅଧିନିୟମ ଅଧିନରେ ଅନୁଚିତ ସାଧନ ଏବଂ ଅପରାଧ ଅବଲମ୍ବନ କରନ୍ତି, ତେବେ ସେ ଅତି କମ୍‌ରେ ତିନି ରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡାଦେଶ ଏବଂ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନାରେ ଦଣ୍ଡିତ ହେବେ । ଜରିମାନା ପ୍ରଦାନରେ ଖିଲାପ କଲେ ଭାରତୀୟ ନ୍ୟାୟ ସଂହିତା ୨୨୩ର ବ୍ୟବସ୍ଥା ଅନୁସାରେ ଅତିରିକ୍ତ କାରାବାସରେ ଦଣ୍ଡିତ କରାଯିବ । ଏହାଛଡ଼ା ସେବା ଯୋଗାଣକାରୀ ସଂସ୍ଥାକୁ ମଧ୍ୟ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନାରେ ଦଣ୍ଡିତ ହେବେ ଏବଂ ଏଥିପାଇଁ ସମ୍ପୃକ୍ତ ଦାୟୀ ସେବା ଯୋଗାଣକାରୀଙ୍କଠାରୁ ଆନୁପାତି ପରୀକ୍ଷା ଖର୍ଚ୍ଚ ମଧ୍ୟ ଆଦାୟ କରାଯିବ । ସମ୍ପୃକ୍ତ ସଂସ୍ଥାକୁ ୪ ବର୍ଷ ପର୍ଯ୍ୟନ୍ତ କୌଣସି ସାର୍ବଜନୀନ ପରୀକ୍ଷା ସଂଚାଳନ ପାଇଁ କୌଣସି ଦାୟିତ୍ୱ ପ୍ରଦାନ କରାଯିବାରୁ ପ୍ରତିବନ୍ଧିତ କରାଯିବ । ଯଦି ଅନୁସନ୍ଧାନ ସମୟରେ ଏହା ପ୍ରମାଣିତ ହୁଏ ଯେ, ଏହି ଅଧିନିୟମ ଅଧିନରେ କୌଣସି ନିର୍ଦ୍ଦେଶକ ବରିଷ୍ଠ ପରିଚାଳନା କିମ୍ବା ସେବା ଯୋଗାଣକାରୀ ସଂସ୍ଥାର ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କ ସହମତି କିମ୍ବା ସହଯୋଗରେ ଅପରାଧ ଘଟିଛି, ତେବେ ସେ ଅତିକମ୍‌ରେ ୩ ବର୍ଷଠାରୁ ଆରମ୍ଭ କରି ୧୦ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ଏବଂ ୧ କୋଟି ଟଙ୍କାର ଜରିମାନାରେ ଦଣ୍ଡିତ ହେବାକୁ ଦାୟୀ ରହିବେ ବୋଲି ଏହି ବିଲ୍‌ରେ ଉଲ୍ଲେଖ ରହିଥିବା କଥା ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ଆଲୋଚନା ଆରମ୍ଭ କରି କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡ଼ାମ୍ କହିଥିଲେ ଯେ, ତରବରିଆ ଭାବେ ଏହି ବିଲ୍‌କୁ ଗୃହୀତ କରାନଯାଇ ସିଲେକ୍ଟ କମିଟିକୁ ପଠାଯାଉ । ବିଲ୍‌କୁ ଆଇନ୍‌ରେ ପରିଣତ କରିବା ପୂର୍ବରୁ ଏହାକୁ ତନ୍ନତନ୍ନ କରି ଯାଞ୍ଚ ପୂର୍ବକ ଏହା ଉପରେ ଗୃହର ମଞ୍ଜୁରୀ ନିଆଯାଉ ବୋଲି ସେ କହିଥିଲେ । ବିଜେଡ଼ି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ ଏହି ବିଲ୍ ଆଇନ୍‌ରେ ପରିଣତ ହେବାର ଆବଶ୍ୟକତା ରହିଛି । ତେବେ ଏଥିରେ କେତେକ ସଂଶୋଧନ କରିବା ଉଚିତ୍ ହେବ । ଯେଉଁ ଦଣ୍ଡ ବ୍ୟବସ୍ଥା କରାଯାଇଛି, ସେଥିରେ ସ୍ଲାବ ରହିବା ଦରକାର ଓ ଏହା ଉପରେ ଆଉ ଥରେ ତର୍ଜମା କରାଯିବାର ଆବଶ୍ୟକତା ରହିଛି । ଏହି ବିଲ୍‌ର ଆଲୋଚନାରେ ବିଧାୟକ ଆକାଶ ଚନ୍ଦ୍ର ନାୟକ, ପଦ୍ମଲୋଚନ ପଣ୍ଡା ଓ ସନ୍ତୋଷ ଖଟୁଆ ପ୍ରମୁଖ ବହୁ ବିଧାୟକ ଭାଗ ନେଇଥିଲେ । ଶେଷରେ ମୁଖ୍ୟମନ୍ତ୍ରୀଙ୍କ ବିସ୍ତୃତ ଉତ୍ତର ଓ ସ୍ପଷ୍ଟିକରଣ ପରେ ବିଲ୍‌ଟି ବାଚନିକ ଭୋଟ୍‌ରେ ଗୃହର ଅନୁମୋଦନ ଲାଭ କରିଥିଲା।

### ରେପୋ ରେଟ୍ ଅପରିବର୍ତ୍ତିତ ...

୨୦୨୩ ରେ ସୁଧ ହାରରେ ପରିବର୍ତ୍ତନ କରି ଏହାକୁ ୨୫ ଆଧାର ପଏଣ୍ଟକୁ ୬.୫୦ ପ୍ରତିଶତକୁ ବୃଦ୍ଧି କରିଥିଲା। ସେବେଠାରୁ ଏହା ପରିବର୍ତ୍ତିତ ହୋଇନାହିଁ। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ତାଙ୍କ କାର୍ଯ୍ୟକାଳର ଶେଷ ମୁଦ୍ରା ନୀତି ଘୋଷଣା କରିବାବେଳେ କହିଛନ୍ତି ଯେ ରେପୋ ହାରକୁ ଅପରିବର୍ତ୍ତିତ ରଖିବା ଉଚିତ ବୋଲି ଅଧିକାଂଶ ସଦସ୍ୟ ନିଷ୍ପତ୍ତି ନେଇଛନ୍ତି। ଟାର୍ଗେଟରେ ମୁଦ୍ରାସ୍ଫୀତି ଆଣିବା ଉପରେ ଧ୍ୟାନ ଦିଆଯିବ ବୋଲି ଏମ୍‌ପିଏସ୍ ନିଷ୍ପତ୍ତି ନେଇଛି। ସେଥିପାଇଁ ରେପୋ ରେଟ୍ ବର୍ତ୍ତମାନ ପରିବର୍ତ୍ତନ କରାଯାଉନାହିଁ।

# କଟକ ରେଳ ଷ୍ଟେସନ ପୂର୍ବପାର୍ଶ୍ୱ ଷ୍ଟେସନ୍ ଭବନ ଓ ପ୍ରବେଶ ପଥ ଯାତ୍ରୀ ସୁବିଧା ଏବଂ ନିରାପତ୍ତାର ଏକ ନୂତନ ଯୁଗ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଅମୃତ ଷ୍ଟେସନ୍ ଯୋଜନା ଅଧୀନରେ ଚାଲୁରହିଥିବା କଟକ ରେଳ ଷ୍ଟେସନ ପୁନଃନିର୍ମାଣର ଏକ ଅଂଶ ଭାବରେ କଟକ ରେଳ ଷ୍ଟେସନକୁ ଏକ ଆଧୁନିକ ପରିବହନ ହବ୍ ସହ ଏକ ବିଶ୍ୱସ୍ତରୀୟ ସୁବିଧା ପ୍ରଦାନ କରାଯିବ ପାଇଁ ଯୋଜନା କରାଯାଇଛି । ୩୦୩ କୋଟି ଟଙ୍କା ବିନିଯୋଗ ସହିତ ଏହି ଉଚ୍ଚାଭିଳାଷୀ ପ୍ରକଳ୍ପଟି ଯାତ୍ରୀମାନଙ୍କ ଅଭିଜ୍ଞତାକୁ ବୃଦ୍ଧିକରଇବା ଏବଂ ସମଗ୍ର ଅଞ୍ଚଳରେ ସଂଯୋଗକୁ ସୁଦୃଢ଼ କରିବା ପାଇଁ ଲକ୍ଷ୍ୟ ରଖିଛି। ୧୪.୭୩ କୋଟି ଟଙ୍କା ମୂଲ୍ୟରେ ନିର୍ମିତ କଟକ ଷ୍ଟେସନର ପୂର୍ବ ପାର୍ଶ୍ୱ (ଜାତୀୟ ରାଜପଥ ପାର୍ଶ୍ୱ) ଷ୍ଟେସନ ଭବନ ଓ ପ୍ରବେଶ ପଥ ଦ୍ୱାରା ଜାତୀୟ ରାଜପଥ ପାର୍ଶ୍ୱରୁ ଆସୁଥିବା ଯାତ୍ରୀମାନଙ୍କ ପାଇଁ ସହଜ ଏବଂ ଅସୁବିଧାମୁକ୍ତ ସୁବିଧା ଯୋଗାଇବ ଯାହା ଯାତ୍ରୀଙ୍କ ସୁବିଧା ଏବଂ ନିରାପତ୍ତାକୁ ଯଥେଷ୍ଟ ଉନ୍ନତ କରିବ। ଏହି ବିକାଶ ଷ୍ଟେସନ୍ ମଧ୍ୟକୁ ଚଳପ୍ରଚଳ କାର୍ଯ୍ୟକୁ ଶୃଙ୍ଖଳିତ କରିବ ଏବଂ ଏହି ଅଞ୍ଚଳରେ ଉନ୍ନତ ସୁବିଧା ତଥା ସଂଯୋଗ ପାଇଁ ଦୀର୍ଘ ଦିନର ଚାହିଦା ପୂରଣ କରି ଯାତ୍ରୀଙ୍କ ଚଳାଚଳକୁ ସୁଗମ କରିବ ବୋଲି ଆଶା କରାଯାଉଛି। ପୂର୍ବ ପାର୍ଶ୍ୱ ଷ୍ଟେସନ ଭବନର ମୁଖ୍ୟ ବୈଶିଷ୍ଟ୍ୟ : ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ପରିବେଷ୍ଟିତ ଅଞ୍ଚଳ: ୨୧,୨୭୦ ବର୍ଗଫୁଟ ଶୀତତାପ ନିୟନ୍ତ୍ରିତ ପରିବେଷ୍ଟିତ ଅଞ୍ଚଳ ଯାତ୍ରୀମାନଙ୍କୁ ଏକ ଆରାମଦାୟକ ଏବଂ ମନୋରମ ପରିବେଶ



ପ୍ରଦାନ କରିବ। ଆଧୁନିକ ସୁବିଧା : ଷ୍ଟେସନ ବିଲ୍ଡିଂରେ ଆଧୁନିକ ସୁବିଧା ଯେପରିକି ଫୁଡ୍ (ଖାଦ୍ୟ) କୋର୍ଟ (୨,୧୦୦ ବର୍ଗଫୁଟ), ଆଧୁନିକ ଶୌଚାଳୟ (ଦିବ୍ୟାଙ୍ଗଜନ୍ ଉପଲବ୍ଧ ଅନ୍ତର୍ଭୂକ୍ତ), ଟିକେଟ୍ କାଉଣ୍ଟର, ପ୍ରତୀକ୍ଷା କ୍ଷେତ୍ର, ଏସ୍କାଲେଟର୍, ଲିଫ୍ଟ ଏବଂ ଅନ୍ୟାନ୍ୟ ସୁବିଧା ରହିଛି । ଉପଲବ୍ଧତା : ଷ୍ଟେସନରେ ସୁଗମ୍ୟ ଯାତାୟାତ ଅନୁକୂଳ ଏସ୍କାଲେଟର ଏବଂ ଲିଫ୍ଟ ସହିତ ବର୍ଦ୍ଧିତ ଯାତ୍ରୀ ଉପଲବ୍ଧତା ବୈଶିଷ୍ଟ୍ୟ ରହିଛି ଯାହାକି ଦିବ୍ୟାଙ୍ଗ ଜନଙ୍କ ସମେତ ସମସ୍ତ ଯାତ୍ରୀଙ୍କ ଯାତାୟାତର ସୁନିଶ୍ଚିତତା କରିବ। ଉନ୍ନତ ସୁବିଧା : ଏକ ବିସ୍ତୃତ ପ୍ରଶସ୍ତ ଅଞ୍ଚଳ, ପର୍ଯ୍ୟାପ୍ତ ପାର୍କିଂ ଏବଂ ପିକଅପ୍ / ଡ୍ରପ୍ ଅଫ୍ ସୁବିଧା ସହିତ କଟକ ଏବଂ ଏହାର ଆଖପାଖ ଜିଲ୍ଲାର ଯାତ୍ରୀମାନଙ୍କ ପାଇଁ ଷ୍ଟେସନ ଠାରେ ଅଧିକ ସୁଗମ ପ୍ରଦାନ କରିବ । ଅନ୍ୟାନ୍ୟ ବୈଶିଷ୍ଟ୍ୟଗୁଡିକ : ଏହି ଷ୍ଟେସନରେ ପ୍ରଧାନମନ୍ତ୍ରୀ ଭାରତ ଜନଔଷଧି କେନ୍ଦ୍ର (ଟଗଇଔକ), ଏଟିଏମ୍ କିଓସ୍କ, ସ୍ୱୟଂଚାଳିତ ଟିକେଟ୍ ଭେଣ୍ଡିଂ ମେସିନ୍ (ଏଟିଭିଏମ୍) ଏବଂ ଘଇଈଇଜଉ ଦ୍ୱାରା ପରିଚାଳିତ ୱାନ ଷ୍ଟେସନ୍ ୱାନ୍ ପ୍ରଡକ୍ଟ (ଝଌଝଚ) ଟ୍ରଲି ସମର୍ଥିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ହସ୍ତତନ୍ତ ପ୍ରଦର୍ଶିତ ଓ ବିକ୍ରି ହେବ।

କେବଳ କଟକ ସହର ନୁହେଁ, ଏହି ପ୍ରବେଶ ପଥ ମଧ୍ୟ ପାରାଦୀପ, ଜଗତସିଂହପୁର, କେନ୍ଦ୍ରାପଡା, ଯାଜପୁର, ବଡ଼ମ୍ବା, ନରସିଂହପୁର ଏବଂ ନିଆଳି ଭଳି ଦୂରଦୂରାନ୍ତ ସ୍ଥାନର ଯାତ୍ରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ନୂତନ ଷ୍ଟେସନ ଭବନକୁ ପରିକଳ୍ପନା କରାଯାଇଛି। ନିରାପତ୍ତା, ସୁବିଧା, ଏବଂ ଆରାମ ଉପରେ ଧ୍ୟାନ ଦେଇ, ଷ୍ଟେସନ ଭବନ ଯାତ୍ରୀମାନଙ୍କୁ ଅସୁବିଧାମୁକ୍ତ ସୁବିଧା ଯୋଗାଇବା ସହ ଷ୍ଟେସନରେ ପାରମ୍ପାରିକ ଭାବରେ ସମ୍ମୁଖୀନ ହେଉଥିବା ସମୟ ସାପେକ୍ଷ ପ୍ରବେଶ ପ୍ରକ୍ରିୟାକୁ ସହଜ କରିବ।

ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ୭ ଡିସେମ୍ବର ୨୦୨୪ (ଶନିବାର) ଦିନ ସନ୍ଧ୍ୟା ୫ ଘଟିକା ସମୟରେ କଟକ ରେଳ ଷ୍ଟେସନରେ ପୂର୍ବ ପାର୍ଶ୍ୱ ଷ୍ଟେସନ୍ ଭବନର ଉଦ୍‌ଘାଟନ କରିବେ। ଏହି କାର୍ଯ୍ୟକ୍ରମରେ କଟକର ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି। ଶ୍ରୀ ବୈଷ୍ଣବଙ୍କ ଏହି ଗସ୍ତରେ ଭାରତର ପୂର୍ବାଞ୍ଚଳରେ ସେବା ବୃଦ୍ଧି ଉପରେ ବିଶେଷ ଗୁରୁତ୍ୱ ଦିଆଯିବା ସହ ଭିତ୍ତିଭୂମିରେ ଉନ୍ନତି ତଥା ନାଗରିକଙ୍କ ପାଇଁ ଯାତ୍ରା ସହଜ କରିବାକୁ ସରକାରଙ୍କ ପ୍ରତିବଦ୍ଧତା ଦର୍ଶାଉଛି। ପୂର୍ବ ପାର୍ଶ୍ୱ ଷ୍ଟେସନ ଭବନର ପ୍ରମୁଖ ବିଶେଷତା : ଏହି ଅଞ୍ଚଳର ଦୀର୍ଘ ଦିନର ଚାହିଦା ପୂରଣ ହୋଇ କଟକ ଏବଂ ନିକଟବର୍ତ୍ତୀ ଜିଲ୍ଲାର ଲୋକଙ୍କ ସୁବିଧା ଉପଲବ୍ଧତାକୁ ସୁଦୃଢ଼ କରିବ। କଟକ ରେଳ ଷ୍ଟେସନ ଦେଇ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ପାଇଁ ଉନ୍ନତ ସଂଯୋଗୀକରଣ। ଏକ ଅପେକ୍ଷା କ୍ଷେତ୍ର, ଖାଦ୍ୟ କୋର୍ଟ ଏବଂ ଉନ୍ନତ ଶୌଚାଳୟ ପରି ଆଧୁନିକ ସୁବିଧା।

# ବେଦାନ୍ତ ଆଲୁମିନିୟମ ପକ୍ଷରୁ ସପ୍ତାହବ୍ୟାପୀ ଏଚଆଇଭି-ଏଡ୍‌ସ ସଚେତନତା ଅଭିଯାନ ଶୁଭାରମ୍ଭ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଭାରତର ବୃହତ୍ ଆଲୁମିନିୟମ ଉତ୍ପାଦକ, ବେଦାନ୍ତ ଆଲୁମିନିୟମ, ବିଶ୍ୱ ଏଡ୍ସ ଦିବସରେ ଏକ ସପ୍ତାହବ୍ୟାପୀ ସଚେତନତା ଅଭିଯାନ ଆରମ୍ଭ କରିଥିଲା। ଏହି ପଦକ୍ଷେପରେ ବେଦାନ୍ତ ସ୍ଥାନୀୟ ଗୋଷ୍ଠୀଙ୍କୁ ଏଚଆଇଭି ଉପରେ 'ସଚେତନ ପାଇଁ ଉପଯୁକ୍ତ ମାର୍ଗ ଅନୁସରଣ କର : ମୋର ସ୍ୱାସ୍ଥ୍ୟ ମୋର ଅଧିକାର' ବିଷୟ ଉପରେ ବାର୍ତ୍ତା ଦେଇଥିଲା।

ଉକ୍ତ ଅଭିଯାନରେ ବେଦାନ୍ତ ଝାରସୁଗୁଡ଼ା, ଲାଞ୍ଜିଗଡ଼ ଓ ଏହାର ଖଣି ଥିବା ସ୍ଥାନରେ ୧୧,୪୦୦ରୁ ଅଧିକ ଲୋକଙ୍କୁ ନେଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ସଚେତନତା ଅଧିବେଶନ, ରାଲି, ନୁକଡ ନାଟକ ଓ ସ୍ୱାସ୍ଥ୍ୟ ଶିକ୍ଷା କାର୍ଯ୍ୟକ୍ରମ ଜରୀଆରେ ଏହି ଅଭିଯାନରେ ଛାତ୍ରଛାତ୍ରୀ, ଟ୍ରକ୍ ଡ୍ରାଇଭର, ପୋଲିସ କର୍ମଚାରୀ ଓ ସ୍ଥାନୀୟ ଲୋକମାନଙ୍କ ନିକଟରେ ପହଞ୍ଚିଥିଲା। ଲୋକମାନଙ୍କୁ ଏଚଆଇଭି-ଏଡସ ସଂପର୍କରେ ବୁଝାଇବା ସହିତ ପ୍ରତିକାରାତ୍ମକ ପଦକ୍ଷେପ ଗ୍ରହଣ ପାଇଁ ପରାମର୍ଶ ଦିଆଯାଇଥିଲା।

ଝାରସୁଗୁଡ଼ା ଜିଲ୍ଲାରେ ଏନସିସି ଓ



ଏନଏସଏସ କ୍ୟାଡ୍ରେଟ, ବେଦାନ୍ତର କର୍ମଚାରୀ ଓ ସ୍ଥାନୀୟ ଛାତ୍ରଙ୍କ ସହିତ ୩୫୦ରୁ ଅଧିକ ଅଂଶଗ୍ରହଣକାରୀଙ୍କ ସହିତ ଜିଲ୍ଲା ମାଜିଷ୍ଟ୍ରେଟ କିଶୋର କୁମାର ସ୍ୱାଇଁଙ୍କ ଦ୍ୱାରା ବିଶ୍ୱ ଏଡ୍‌ସ ଦିବସରେ ସଚେତନତା ରାଲି କରାଯାଇଥିଲା। ବିଦ୍ୟାଳୟ, କଲେଜ ଓ ପୋଲିସ ଷ୍ଟେସନକୁ ନେଇ ଏହି ସଚେତନତା ଏକ ସପ୍ତାହ ଯାଏ ଚାଲୁ ରହିବ। ଓଡ଼ିଶା ରାଜ୍ୟ ଏଡ୍‌ସ କଣ୍ଟ୍ରୋଲ ସୋସାଇଟି ଓ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନର ସହଭାଗିତାରେ ବେଦାନ୍ତର ଏହି ଉଦ୍ୟମରେ ପ୍ରାୟ ୫୦୦୦ ଲୋକଙ୍କୁ ନିରାକରଣ, ଉପଚାର ଓ ବିଲୋପ ବିଷୟରେ ସଚେତନ କରାଯିବା ଲକ୍ଷ୍ୟ ରହିଛି।

କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ରେ ପ୍ରବାସୀ ଶ୍ରମିକ, ଟ୍ରକ୍ ଡ୍ରାଇଭର ଓ ସ୍ଥାନୀୟ ଗୋଷ୍ଠୀଙ୍କ ଲାଗି ଅଧିବେଶନ ସହ ଏହି ଅଭିଯାନ ଆରମ୍ଭ ହୋଇଥିଲା। ନୁକଡ଼ ନାଟକ, ରାଲି ଓ ସଚେତନତା କାର୍ଯ୍ୟକ୍ରମରେ ୫୦୦ରୁ ଅଧିକ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଅଂଶ ବିଶେଷରେ କୋଇଲା ଓ ବକ୍ସାଇଟ ଖଣି ପ୍ରକଳ୍ପ ଗୁଡ଼ିକରେ କାର୍ଯ୍ୟରତ କର୍ମଚାରୀ ଓ ସ୍ଥାନୀୟ ଲୋକଙ୍କ ପାଇଁ ବିଭିନ୍ନ ପ୍ରଭାବଶାଳୀ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୫୦୦ରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ। ସୁନ୍ଦରଗଡ଼ରେ ନୁକଡ଼ ନାଟକ ଓ ଶିକ୍ଷାଗତ ଅଧିବଶେନରେ ଛାତ୍ର, ଟ୍ରକ୍ ଡ୍ରାଇଭରଙ୍କ ପାଇଁ ଆୟୋଜିତ ହୋଇଥିଲା ଓ ଏହା ୬୦୦ରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚିଥିଲା। ସିଜିମାଳି ଅଞ୍ଚଳରେ କଳାହାଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ନିହେନ୍ଦ୍ର ପଣ୍ଡାଙ୍କ ଦ୍ୱାରା ପତାକା ଦେଖାଇ ରାଲି ଉଦ୍‌ଘାଟିତ ହୋଇଥିଲା। ଓସାକ୍ସ ଓ ଜିଲ୍ଲା ମେଡିକାଲ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ୫୦୦୦ରୁ ଅଧିକ ଲୋକ ଯୋଗ ଦେଇଥିଲେ। କମ୍ପାନିର ସ୍ୱାସ୍ଥ୍ୟ ପଦକ୍ଷେପ ସଂପର୍କରେ ମତ ଦେଇ ମୁଖ୍ୟ ପରିଚାଳନା ଅଧିକାରୀ ସୁନୀଲ ଗୁପ୍ତା କହିଥିଲେ, ଯେ ବେଦାନ୍ତ ଆଲୁମିନିୟମରେ ଆମେ ଦୃଢ ଭାବରେ ବିଶ୍ୱାସ କରୁ ଯେ ଗୋଷ୍ଠୀର ସ୍ୱାସ୍ଥ୍ୟ ଓ କଲ୍ୟାଣ ନିରନ୍ତର ବିକାଶର ମୂଳଦୁଆ ଅଟେ। ଏହି ବିଶ୍ୱ ଏଡ୍ସ ଦିବସରେ ଆମର ଏହି ସଚେତନତା ଅଭିଯାନ ଜରୀଆରେ ସ୍ୱାସ୍ଥ୍ୟ ପାଇଁ ରହିଥିବା ଚ୍ୟାଲେଞ୍ଜଗୁଡ଼ିକୁ ସମାଧାନ କରିବାରେ ପ୍ରତିବଦ୍ଧ ଅଟୁ। ଲୋକଙ୍କ ମଧ୍ୟରେ ଏହି ରୋଗ ସଂପର୍କରେ ରହିଥିବା ଭୟ, ନିନ୍ଦା-କଳଙ୍କକୁ ଦୂର କରି ଏହାର ପ୍ରତିକାର ତଥା ସଚେତନତା ବିଷୟରେ ଉପଯୁକ୍ତ ଶିକ୍ଷା ପ୍ରଦାନ କରିବା ଆମର ଲକ୍ଷ୍ୟ ଅଟେ। ଆମେ ସାମୁହିକ କାର୍ଯ୍ୟକୁ ପ୍ରେରଣା ଦେବା ଓ ସୁସ୍ଥତାର ମାର୍ଗ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ।

# କନଷ୍ଟେବଲ ନିଯୁକ୍ତିରେ ୬ ବର୍ଷ ବୟସ ସୀମା କୋହଳ କଲେ ହାଇକୋର୍ଟ

**କଟକ, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ହାଇକୋର୍ଟ ଓଡ଼ିଶା ପୁଲିସ ବାହିନୀର ବିଭିନ୍ନ ବାଟାଲିୟନ୍‌ରେ ସିପାହୀ ଓ କନଷ୍ଟେବଲ ନିଯୁକ୍ତି ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ଏହା ଦ୍ୱାରା ଆଶାୟୀଙ୍କୁ ବୟସ ସୀମାରୁ ବଡ଼ ଆଶ୍ୱସ୍ତି ମିଳିଛି। ସିପାହୀ ଓ କନଷ୍ଟେବଲ ପଦବୀ ପାଇଁ ଥିବା ଧାର୍ଯ୍ୟ ସର୍ବାଧିକ ବୟସ ସୀମା ୬ ବର୍ଷ କୋହଳ କରିବାକୁ ହାଇକୋର୍ଟ ରାୟ ଦେଇଛନ୍ତି। ତେବେ ଏହା କେବଳ ଚଳିତ ଥର ପାଇଁ ଲାଗୁ ହେବ ବୋଲି କୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି। ହାଇକୋର୍ଟଙ୍କ ଏହି ରାୟ ପରେ ୨୨ ସେପ୍ଟେମ୍ବର ୨୦୨୪ରେ ୧୩୬୦ଟି ସିପାହୀ ଓ କନଷ୍ଟେବଲ ପଦବୀ ପାଇଁ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ସର୍ବାଧିକ ବୟସ ସୀମା ୬ ବର୍ଷ କୋହଳ କରି ଓଡ଼ିଶା ପୁଲିସ ଷ୍ଟେଟ୍ ସିଲେକ୍‌ସନ୍ ବୋର୍ଡ ସଂଶୋଧିତ ବିଜ୍ଞପ୍ତି ପ୍ରକାଶ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପାହୀ ଓ କନଷ୍ଟେବଲ ପଦବୀ ପାଇଁ ଆବେଦନ କରିଥିବା ସମସ୍ତ ବର୍ଗର ପ୍ରାର୍ଥୀଙ୍କୁ ଏହି ସୁବିଧା ମିଳିବ। ୨୦୧୮ ମସିହାରେ ଶେଷ ଥର ପାଇଁ ଏହି ପଦବୀ ପାଇଁ ନିଯୁକ୍ତି ହୋଇଥିବା ବେଳେ କରୋନା ମାହାମାରୀ ଯୋଗୁ ପାଖାପାଖି ୬ ବର୍ଷ ଧରି ନିଯୁକ୍ତି ପାଇଁ ଆଉ ବିଜ୍ଞପ୍ତି ପ୍ରକାଶ ପାଇ ନ ଥିଲା। ଫଳରେ ସିପାହୀ ଓ କନଷ୍ଟେବଲ ପଦବୀ ପାଇଁଆବେଦନ କରିପାରି ନ ଥିବା ୪୯ ଜଣ ଆଶାୟୀ ଏକାଧିକ ମାମଲାରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ପଦବୀ ପାଇଁ ଅପେକ୍ଷା କରିଥିବା ଆଶାୟୀ ଚଳିତ ବର୍ଷ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ସର୍ବାଧିକ ବୟସ ସୀମା କୋହଳ କରିବା ପାଇଁ ଦାବି କରିଥିଲେ।


**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, ANGUL**

O-797

No. 2960 Dt. 05.12.2024

**1st Corrigendum to Bid Identification No. Road Online-AGL-13/2024-25**

Due to some unavoidable circumstances the last date of Online for bidding and opening of the date has been extended as follows in respect of the tender for Road works invited in Tender Call Notice Bid Identification No. Road Online-AGL- 13/2024-25 by the Procurement officer Chief Construction Engineer, Rural Works Circle,Angul.

| Availability of Tender on-line for bidding | | Date & Time of opening Technical Bid |
|---|---|---|
| From | To | |
| 1 | 2 | 3 |
| 28.11.2024 at 10.00 A.M | 27.12.2024 upto 5.00 PM | 30.12.2024 at 11.00 AM |

All other terms and conditions remain unchanged.

Sd/- Chief Engineer,
Rural Works Circle,Angul

OIPR-25180/11/0020/2425

**Government of Odisha "e" Procurement Notice**

O-800

**Bid Identification No.05 of 2024-25**

| | | |
|---|---|---|
| 1 | Number of Works : | 14 Nos. of Works (Road - 7 Nos. & Building – 7 Nos) |
| 2 | Estimated Cost (Aprox.): | ₹1.68 lakhs & ₹38.60 lakh (Approx.) |
| 3 | Period of Completion : | Mentioned against NIT Table Col.06 |
| 4 | Date & Time of availability of Bid documents in the Portal : | 11/12/2024 at 11:00 Hrs. |
| 5 | Last date & time for receipt of Bids in the Portal : | 20/12/2024 at 17:00 Hrs. |
| 6 | Date of Opening of Tender : | 21/12/2024 at 11:00 Hrs. |
| 7 | Name and address of the Officer Inviting Bid : | Superintending Engineer, Rural Works Division, Jagatsinghpur |

Further details can be seen from the Government website: www.tendersorissa.gov.in

Sd/- Superintending Engineer
Rural Works Division, Jagatsinghpur

OIPR-25056/11/0009/2425

**[GOVERNMENT OF ODISHA]**
**OFFICE OF THE SUPERINTENDING ENGINEER,**
**BARGARH CR&B1 DIVISION. BARGARH**

B-738

E-mail - eepwdbqh@qmall.com Phone/Fax-06646-234819

**INVITATIONS FOR BIDS (I.F.B.)**
**e-Procurement Notice**
**RIVISED IDENTIFICATION NO.IFB-SE PWD BGH No. 18 OF 2024-25**
**No. 6299 Dated,05.12.2024**

1) The **Superintending Engineer, Bargarh (R&B) Division, Bargarh** on behalf of Governor of Odisha invites P**ercentage Rate** bid in **Single** Cover System **in ONLINE MODE** for the **Civil work** as detailed in the **Detailed Tender Call Notice (D.T.C.N)** from the eligible class of contractors.
2) No of Road work :- **01 Nos.**
3) Cost of Tender Paper :- **Rs.6,000-**
4) Class of contractor :- **"B" Class Contractor**
5) Date & Time of available in web site & receipt of Bids: - **11:00 Hrs. of 09.12.2024 to 17.00Hrs. of 16.12.2024.**
6) Date of opening of Technical Bid : - **17.12.2024 at 11:30 Hrs.**
7) The Bidders have to participate in ONLINE bidding only. Further details can be seen from the State Govt. Portal website ***https://tendersodisha.gov.in***

Any corrigendum / Addendum will be displayed in the website ***https://tendersodisha.gov.in only***

Sd/-Superintending Engineer,
Bargarh (R&B) Division

OIPR-34039/11/0015/2425

ଭୁବନେଶ୍ୱର
୦୭ ଡିସେମ୍ବର
ଶନିବାର, ୨୦୨୪

RNI Regd. No. : 52640/94
Postal Regd. No. : BN/60/25-27

# ଆଜି ଶ୍ରୀମନ୍ଦିରରେ ଓଢ଼ଣ ଷଷ୍ଠୀ: ଘୋଡ଼ ପ୍ରସ୍ତୁତି ଶେଷ



**ପୁରୀ,୦୬/୧୨ ନ୍ୟୁଜ ବ୍ୟୁରୋ**
ଶୀତ ପ୍ରକୋପରୁ ବଞ୍ଚିବାପାଇଁ ମହାପ୍ରଭୁଙ୍କ 'ଘୋଡ଼ ଲାଗି' ନୀତି ହେବ। ଆସନ୍ତା ୭ ତାରିଖ ଶନିବାର ମାର୍ଗଶୀର ମାସ ଶୁକ୍ଳ ଷଷ୍ଠୀ । ଶ୍ରୀମନ୍ଦିରରେ ଅନୁଷ୍ଠିତ ହେବ ଓଢ଼ଣଷଷ୍ଠୀ ପର୍ବ । ସେହି ଦିନଠାରୁ ଶୀତବସ୍ତ୍ର ପରିଧାନ କରିବେ ଠାକୁରେ। ଶୁକ୍ରବାର ଠାକୁରଙ୍କୁ ଲାଗି ହେବାକୁ ଥିବା ଘୋଡ଼ ଅଧିବାସ ନୀତି ସମ୍ପାଦନ ହୋଇଛି । ଏଣୁ ଶ୍ରୀମନ୍ଦିରର ଦର୍ଜି ସେବକଙ୍କ ଦ୍ୱାରା ଶୀତବସ୍ତ୍ର ପ୍ରସ୍ତୁତ ସରିଛି। ଚତୁର୍ଦ୍ଧାମୂର୍ତ୍ତିଙ୍କ ପାଇଁ ୪ଟି ଘୋଡ଼ ସହ ଘୋଡ଼ଲାଗି ବେଶ ପାଇଁ ଖଟ ପାଛୋଡ଼ି, ତୁଳିପଟା, ଥୋଡ଼ ପାହାଡ଼ିଆ, ଫୁଲଛେଦା ଆଦି ତିଆରି କରାଯାଇଛି। ପତନୀ, ଗୀତଗୋବିନ୍ଦ ପାଟ ଓ ସୂତାପୁଟାରେ ଠାକୁରଙ୍କ ନୂତନ ବସ୍ତ୍ର ତିଆରି କରାଯାଇଛି। ଏଥିସହିତ ମଦନମୋହନ, ସୁଦର୍ଶନ, ଗରୁଡ଼, ପତିତପାବନ, ଗୁଣ୍ଡିଚାମନ୍ଦିରରେ ବିରାଜିତ ନୃସିଂହ ମହାପ୍ରଭୁ, ସୂର୍ଯ୍ୟଦେବ, ମୁକ୍ତିମଣ୍ଡପ ପାର୍ଶ୍ୱରେ ବିରାଜିତ ନୃସିଂହ ମହାପ୍ରଭୁ, ଦକ୍ଷିଣକାଳୀକା ଓ କାକୁଡ଼ିଖାଇ ଠାକୁରାଣୀଙ୍କ ପାଇଁ ମଧ୍ୟ ପୋଷାକ ତିଆରି କରାଯାଏ । ପଞ୍ଚମୀ ରାତିରେ ଚନ୍ଦନଲାଗି ପରେ ତିନି ଠାକୁରଙ୍କ ପାଇଁ ଘୋଡ଼ ୨୧ଟି ସହିତ ବିମଳା, ସରସ୍ୱତୀ, ମହାଲକ୍ଷ୍ମୀ ତଥା ମଦନମୋହନଙ୍କ ଘୋଡ଼ ଅଧିବାସ ହୋଇ ରହିବ । ଷଷ୍ଠୀରେ ଠାକୁରଙ୍କୁ ଘୋଡ଼ ଲାଗି କରାଯାଏ । ମାର୍ଗଶୀର ଶୁକ୍ଳ ଷଷ୍ଠୀଠାରୁ ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ ମହାପ୍ରଭୁଙ୍କର ଏହି ଘୋଡ଼ ଲାଗି ନୀତି ସମ୍ପନ୍ନ ହେବ । ଏଥିସହ ଶୁକ୍ରବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ମାଜଣା ଓ ଏକାନ୍ତ ନୀତି ଅନୁଷ୍ଠିତ ହୋଇଥିଲା ।

## କଳ୍ପନା, ସର୍ଜନା ଓ ପ୍ରଭାବକୁ ନେଇ କିଟ୍‌ରେ କେ-ଆଇ୩ ଫେଷ୍ଟ ଉଦ୍‌ଘାଟିତ

# ନିଜ ସର୍ଜନାକୁ ଆଗକୁ ନେବା ପାଇଁ କିଟ୍ ହେଉଛି ପ୍ରକୃଷ୍ଟ କ୍ଷେତ୍ର : ଅଚ୍ୟୁତ ସାମନ୍ତ

**ଭୁବନେଶ୍ୱର, ୬/୧୨ ନ୍ୟୁଜ ବ୍ୟୁରୋ**
ପରିକଳ୍ପନା, ସର୍ଜନା ଓ ପ୍ରଭାବ (ଆଇଡିଆ, ଇନୋଭେସନ୍, ଇମ୍ପାକ୍ଟ)କୁ ନେଇ କିଟ୍ ବିଶ୍ୱବିଦ୍ୟାଳୟରେ କେ-ଆଇ୩ ଫେଷ୍ଟ ଉଦ୍‌ଘାଟିତ ହୋଇଯାଇଛି । କେ-ଆଇ୩ ଫେଷ୍ଟ ପ୍ରଥମ ସଂସ୍କରଣର ବିଷୟ ବସ୍ତୁ ରହିଛି ଫ୍ରଣ୍ଟିଅର ଟେକ୍ନୋଲୋଜି ଫର ବିକଶିତ ଭାରତ-୨୦୪୭ । କିଟ୍ ଡିନ୍ ଗୋଲ୍ଡ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓପିଏସ୍‌ସିର ପ୍ରାକ୍ତନ ଅଧ୍ୟକ୍ଷ ବ୍ରିଗେଡିୟର ଡ. ଲକ୍ଷ୍ମୀ ଚରଣ ପଟ୍ଟନାୟକ ଯୋଗଦେଇ ପରିକଳ୍ପନା, ସର୍ଜନା ଓ ଏଗୁଡ଼ିକର ପ୍ରଭାବ ଉପରେ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ସେ କହିଲେ ବିଶ୍ୱର ପ୍ରାୟ ଅଧିକାଂଶ ସର୍ଜନା ଓ ଆବିଷ୍କାର ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟସ୍ତରରୁ ହିଁ ଆରମ୍ଭ ହୋଇଛି। ୩ଡି ପ୍ରିଣ୍ଟିଂଠାରୁ ଆରମ୍ଭ କରି ବ୍ଲକ୍‌ଚେନ୍ ଟେକ୍ନୋଲୋଜି ପର୍ଯ୍ୟନ୍ତ ବିଭିନ୍ନ ସର୍ଜନା ବିଶ୍ୱବିଦ୍ୟାଳୟସ୍ତରରୁ ଆରମ୍ଭ ହୋଇଛି। ଏବେ ଆତ୍ମନିର୍ଭର ଭାରତ ପ୍ରୟାସ ଅଧୀନରେ ବିଭିନ୍ନ ପ୍ରତିରକ୍ଷା ଉତ୍ପାଦ ତିଆରି



କରାଯାଉଛି। ଏଭଳି ଉଦ୍ୟୋଗ କରି ବହୁ ଯୁବକ ଉଦ୍ୟୋଗପତି ହୋଇପାରିଛନ୍ତି ବୋଲି ସେ କହିଥିଲେ। କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଡ.ଅଚ୍ୟୁତ ସାମନ୍ତ ଛାତ୍ରଛାତ୍ରୀଙ୍କୁ ସୂଚନା ଦେଇ କହିଲେ, କେବଳ କୌଣସି ପରିକଳ୍ପନାକୁ ନିଜ ମନ ମଧ୍ୟରେ ଆଣିଲେ ହେବ ନାହିଁ। ଏହାକୁ କାର୍ଯ୍ୟକାରୀ କରିବା ସହ ଏହା ପ୍ରଭାବ କ'ଣ ରହିବ ତା' ଉପରେ ମଧ୍ୟ ଚିନ୍ତା କରିବା ଉଚିତ। ନିଜ ପରିକଳ୍ପନା ଓ ସର୍ଜନାର ଯଦି କୌଣସି ପ୍ରଭାବ ନ ରହିଲା ତେବେ ତାହା ଫଳପ୍ରଦ ହୋଇ ନ ଥାଏ। ନିଜ ସର୍ଜନାକୁ ଆଗକୁ ନେଇଯିବା ପାଇଁ କିଟ୍ ହେଉଛି ପ୍ରକୃଷ୍ଟ କ୍ଷେତ୍ର ବୋଲି ଡ. ସାମନ୍ତ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଓ ବିଭିନ୍ନ ସ୍କୁଲ୍‌ର ଡିନ୍‌ମାନେ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ କିଟ୍‌ର ୨୪ଟି ବିଭିନ୍ନ ସ୍କୁଲ୍‌ର ୬ଶହ ଛାତ୍ରଛାତ୍ରୀ ୨୫୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ। ଶେଷରେ ଡିନ୍ ଗୋଲ୍ଡ କ୍ଲବ୍ ଅଧ୍ୟକ୍ଷ ପ୍ରଫେସର ଶ୍ରୀନିବାସ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ହୀରାକୁଦ ଏସିଏଫ୍‌ଙ୍କ ୭ ଫ୍ଲାଟ୍ ଠାବ : ଘରୁ ନଗଦ ୧୪ ଲକ୍ଷ ଜବତ

**ଭୁବନେଶ୍ୱର, ୦୬/୧୨ ନ୍ୟୁଜ ବ୍ୟୁରୋ**
ହୀରାକୁଦ ଏସିଏଫ୍‌ଙ୍କ ଘରୁ ମିଳିଲା ବିଡ଼ା ବିଡ଼ା ଟଙ୍କା। ଏସିଏଫ୍ ରେବତୀ ରମଣ ଯୋଶୀଙ୍କ ଘରେ ଚଢଉ କଲା ବେଳେ ନଗଦ ୧୪ ଲକ୍ଷ ଟଙ୍କା ସହ ୧୫୦ ଗ୍ରାମ୍‌ର ସୁନା ଏବଂ ୩୦୦ ଗ୍ରାମ୍‌ର ରୁପା ଅଳଙ୍କାର ଜବତ କରିଛି ଭିଜିଲାନ୍ସ। ଏତଦ୍ ବ୍ୟତୀତ ଏସିଏଫ୍‌ଙ୍କର ୭ଟି ଫ୍ଲାଟ ଠାବ ହୋଇଛି। ରେବତୀ ରମଣଙ୍କର ସମ୍ବଲପୁର ଟାଉନ୍‌ରେ ୩ଟି କୋଠା, ଭୁବନେଶ୍ୱରରେ ୪ଟି ଫ୍ଲାଟ୍ ଏବଂ ସମ୍ବଲପୁର ଟାଉନ୍‌ରେ ୩ଟି ଫ୍ଲାଟ୍ ରହିଛି। ଭିଜିଲାନ୍ସ ରେଡ୍ ପରେ ହୀରାକୁଦ ଏସିଏଫ୍ ରେବତୀ ରମଣ ଯୋଶୀଙ୍କ ସମ୍ପତ୍ତି ତାଲିକା ମିଳିଛି। ସମ୍ବଲପୁର ଅଁଇଠାପାଲିରେ ଏସିଏଫ୍‌ଙ୍କର ଏକ ତିନି ମହଲା କୋଠା, ପାଲିପାଲିରେ ଏକ କୋଠା, ପଦ୍ମପୁରରେ ଏକ କୋଠା, ଭୁବନେଶ୍ୱର ଘାଟିକିଆରେ ଏକ ଫ୍ଲାଟ୍, ସମ୍ବଲପୁର ସିଟି ପ୍ରାଇଡ୍ ଆପାର୍ଟମେଣ୍ଟରେ ଗୋଟିଏ ଫ୍ଲାଟ୍, ଚର୍ଚ୍ଚ ଛକ ବ୍ରିଜଧାମ ଆପାର୍ଟମେଣ୍ଟରେ ଦୁଇଟି ଫ୍ଲାଟ୍ ରହିଛି। ସୂଚନାନୁଯାୟୀ, ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ହୀରାକୁଦ ଏସିଏଫ୍ ରେବତୀ ରମଣ ଯୋଶୀଙ୍କ ଘର ସମେତ ୯ଟି ସ୍ଥାନରେ ଭିଜିଲାନ୍ସ ଚଢଉ କରିଛି। ଏହି ଚଢଉରେ ୩ ଜଣ ଡିଏସପି, ୧୦ ଜଣ ଇନ୍ସପେକ୍ଟର ଏବଂ ଅନ୍ୟ ଅଧିକାରୀମାନେ ସାମିଲ ଅଛନ୍ତି।

ଭାରତୀୟ ରିଜର୍ଭ ବ୍ୟାଙ୍କ ଜନସାଧାରଣଙ୍କୁ
ସୋସିଆଲ ମେଡିଆରେ ପ୍ରସାରିତ
ଆର୍ଥିକ ପରାମର୍ଶ ପ୍ରଦାନ କରୁଥିବା
ଟପ୍ ମ୍ୟାନେଜ୍‌ମେଣ୍ଟର ନକଲି
(ଡିପ୍‌ଫେକ୍) ଭିଡିଓ ପ୍ରତି ସତର୍କ କରୁଛି ।

ଭାରତୀୟ ରିଜର୍ଭ ବ୍ୟାଙ୍କର ଦୃଷ୍ଟିକୁ ଆସିଛି ଯେ ସୋସିଆଲ ମେଡିଆରେ ଗଭର୍ଣ୍ଣରଙ୍କ ନକଲି ଭିଡିଓ ପ୍ରସାରିତ ହେଉଛି ଯେଉଁଥିରେ ରିଜର୍ଭ ବ୍ୟାଙ୍କ ଦ୍ୱାରା କେତେକ ନିବେଶ ଯୋଜନାକୁ ଆରମ୍ଭ କରିବା କିମ୍ବା ସମର୍ଥନ ପ୍ରଦାନ କରୁଥିବାର ଦାବି କରାଯାଇଛି । ଏହିସବୁ ଭିଡିଓରେ ଲୋକମାନଙ୍କୁ ଯାନ୍ତ୍ରିକ ଉପକରଣ ବ୍ୟବହାର ମାଧ୍ୟମରେ ଏଭଳି ଯୋଜନାଗୁଡ଼ିକରେ ଟଙ୍କା ବିନିଯୋଗ କରିବା ପାଇଁ ପରାମର୍ଶ ଦେବାର ପ୍ରୟାସ କରାଯାଉଅଛି ।

ଭାରତୀୟ ରିଜର୍ଭ ବ୍ୟାଙ୍କ ସ୍ପଷ୍ଟ କରୁଛି ଯେ ଏହାର ଅଧିକାରୀମାନେ ଏ ପ୍ରକାର କୌଣସି କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ ନୁହନ୍ତି କିମ୍ବା ଏହାର ସମର୍ଥନ କରନ୍ତି ନାହିଁ ତଥା ଏସବୁ ଭିଡିଓ ନକଲି ଅଟେ । ଆରବିଆଇ ଏ ପ୍ରକାର କୌଣସି ଆର୍ଥିକ ବିନିଯୋଗ ପରାମର୍ଶ ଦିଏ ନାହିଁ ।

ତେଣୁ ସୋସିଆଲ ମେଡିଆରେ ପ୍ରସାରିତ ହେଉଥିବା ଏଭଳି ନକଲି (ଡିପ୍‌ଫେକ୍) ଭିଡିଓ ତଥା ତା'ର ଶିକାର ହେବାରୁ ନିଜକୁ ରକ୍ଷା କରିବା ପାଇଁ ସତର୍କ କରାଯାଉଅଛି ।

ଆରବିଆଇ ୱେବସାଇଟ ଭିଜିଟ କରିବା ପାଇଁ ସ୍କାନ୍ କରନ୍ତୁ

Issued in public interest by
भारतीय रिज़र्व बैंक
RESERVE BANK OF INDIA
www.rbi.org.in

କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ
ଭାରତ ସରକାର



"ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅନିଶ୍ଚିତ ପାଣିପାଗ ସହ ଜଡ଼ିତ ବିପଦକୁ କମ କରିବା ସହିତ ପରିଶ୍ରମୀ ଚାଷୀ ଭାଇଭଉଣୀଙ୍କ ଆର୍ଥିକ ହିତ ରକ୍ଷା କରିବାରେ ଲଗାତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଚାଷୀ ହିତୈଷୀ ବୀମା ଯୋଜନାର ଲାଭ ଆଜି କୋଟି କୋଟି ଚାଷୀଙ୍କୁ ମିଳୁଛି।"
- ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ



ଫସଲ ବୀମା କରାନ୍ତୁ
ସୁରକ୍ଷା କବଚ ପାଆନ୍ତୁ
ସମସ୍ତ କୃଷକ ଭାଇଭଉଣୀଙ୍କୁ ଜଣାନ୍ତୁ
ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଲାଭ ବିଷୟରେ

- 19.67 କୋଟି କୃଷକ ଭାଇ ଭଉଣୀଙ୍କୁ ଏପର୍ଯ୍ୟନ୍ତ ଫସଲବୀମାର ଲାଭ ମିଳିସାରିଛି
- ₹1.65 ଲକ୍ଷ କୋଟି ର ଦାବି କୃଷକମାନଙ୍କୁ ପୈଠ କରାଯାଇଛି
- 70 କୋଟି ରୁ ଅଧିକ କୃଷକଙ୍କର ଆବେଦନ ପ୍ରାପ୍ତ କରାଯାଇଛି

ଦେଶବ୍ୟାପୀ ହେଲ୍ପଲାଇନ୍ 14447

ପଞ୍ଜିକରଣର ଶେଷ ତାରିଖ 15 ଡିସେମ୍ବର, 2024

ଫସଲ ବୀମା ସପ୍ତାହ 1-7 ଡିସେମ୍ବର, 2024 ପିଏମଏଫବିୱାଇ

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା

ବୀମା ଅଂଶୀଦାରୀ

ନିଜର ଫସଲକୁ ଆଜି ହିଁ ବୀମାଭୁକ୍ତ କରିବା ପାଇଁ ଯୋଗାଯୋଗ କରନ୍ତୁ

ଜନସେବା କେନ୍ଦ୍ର | କ୍ରପ୍ ଇନସ୍ୟୁରାନ୍ସ ଆପ୍ https://play.google.com | ପୋଷ୍ଟ ଅଫିସ | ବ୍ୟାଙ୍କ ଶାଖା | @PMFBY

ଯୋଜନା ସମ୍ବନ୍ଧିତ ଅଧିକ ସୂଚନା ପାଇଁ QR କୋଡ୍ ସ୍କାନ୍ କରନ୍ତୁ